# ଶିକ୍ଷାନୁଷ୍ଠାନରେ ବାଗ୍‌ଦେବୀଙ୍କୁ ଆରାଧନା



ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ମନ୍ଦିର ।



ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ହାଇସ୍କୁଲ ।



ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ।

## ସଂକ୍ଷେପରେ

### ଜ୍ଞାନଦାତ୍ରୀଙ୍କ ପୂଜାର୍ଚ୍ଚନା

ପାରଳାଖେମୁଣ୍ଡି,୩୦।୧(ସ୍ୱ.ପ୍ର.): ପାରଳାଖେମୁଣ୍ଡି ସହର ଏବଂ ଏହା ଉପକଣ୍ଠସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ପ୍ରତିଷ୍ଠାନ ପକ୍ଷରୁ ଜ୍ଞାନ ଓ କଳାର ଦେବୀ ସରସ୍ୱତୀଙ୍କ ପୂଜା ଉତ୍ସାହର ସହ ପାଳିତ ହୋଇଛି। ସହରସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଆଡମ୍ବର ସହକାରେ ପୂଜା ଅନୁଷ୍ଠିତ ହୋଇଥିଲା।

### ୭ ବ୍ଲକର ବିଜେଡି ସଭାପତି ଚୟନ

ମାଲକାନଗିରି, ୩୦।୧(ଡି.ଏନ୍.ଏ.): ମାଲକାନଗିରି ଜିଲାର ୭ ବ୍ଲକ ପାଇଁ ଦଳୀୟ ସଭାପତି ଚୟନ କରାଯାଇଛି। ମାଲକାନଗିରି ପାଇଁ ସର୍ବ କୁମାର ବିଶୋଇ, ଚିତ୍ରକୋଣ୍ଡା ହରି ମୋହନ ଖିଲ, କୋରୁକୋଣ୍ଡା ସୁବ୍ରତ ମଣ୍ଡଳ, ଖଇରପୁଟ ବିରଞ୍ଚି ବାରିକ୍, ମାଥିଲି ପାଇଁ ସଦାସିବ ପୂଜାରୀ, କାଲିମେଲା ଶରତ ଚନ୍ଦ୍ର ବିଶ୍ୱାଳ, ପଡିଆ ସିଙ୍ଗା ମାଡକାମିଙ୍କୁ ବ୍ଲକ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ମାଲକାନଗିରି ଜିଲା ବିଜେଡି ସଭାପତିଭାବେ ସ୍ୱତନ୍ତ୍ର ଆଦିବାସି ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି ରହିଥିଲେ। ମାଲକାନଗିରିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବ୍ଲକ ସଭାପତି ସର୍ବ ବିଶୋଇଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି, ପୂର୍ବତନ ପୌରପରିଷଦ ଅଧକ୍ଷ ଧନୁର୍ଜୟ ମାଡକାମି, ନଗର ସଭାପତି ଅକ୍ଷୟ ମହନ୍ତ, ଶ୍ରୀନିବାସ ରାଉ, ସତ୍ୟ ସ୍ୱାଇଁ, ଗୋପବନ୍ଧୁ ପଡିଆରୀ, ସତ୍ୟ ପାଣିଗ୍ରାହୀ, ଉମାକାନ୍ତ ସାହୁ, ଲମ୍ବଧର ଡୁରୁକ୍, ସମିର ମଜୁମଦାର, ପ୍ରଶାନ୍ତି ଲତା ବିଶୋଇ, ଦୁଲାଲି ଥଣ୍ଡର, କମଳା ପିଲେର ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ସିଦ୍ଧ ହନୁମାନ ପଞ୍ଚ ମହାଯଜ୍ଞ ଆରମ୍ଭ



ପାରଳାଖେମୁଣ୍ଡି,୩୦।୧(ସ୍ୱ.ପ୍ର.) ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ମହେନ୍ଦ୍ରଗଡ଼ସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ପାଇଁ ଦୁଇ ଦିନିଆ ସିଦ୍ଧ ହନୁମାନଙ୍କ ପଞ୍ଚ ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିରରେ ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଯଜ୍ଞରେ କାଶୀପୀଠାଧିଶ୍ୱର ଜଗତ ଧର୍ମଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ପୌରହିତ୍ୟ କରି ଧର୍ମ, ଜ୍ଞାନ ଏବଂ ଭକ୍ତିମାର୍ଗ ପ୍ରଦାନ କରିବା ସହ ଗ୍ରାମବାସୀ ଏବଂ ଅଞ୍ଚଳବାସୀଙ୍କ ମଙ୍ଗଳ ପାଇଁ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ସେହିପରି ହରିଦ୍ୱାର ମହାମଣ୍ଡଳେଶ୍ୱର ବ୍ରହ୍ମବକ୍ତା କୈଳାଶାନନ୍ଦ ବ୍ରହ୍ମଚାରୀ, ଅଖିଳ ଭାରତୀୟ ସନ୍ଥ ସମିତି ଓଡ଼ିଶାର ମହାମନ୍ତ୍ରୀ ବ୍ରହ୍ମଚାରୀ ସତ୍ୟାନନ୍ଦ ବାବା, ମହେନ୍ଦ୍ର ଆଶ୍ରମ କର୍ମଯୋଗୀ ଭାସ୍କର ତୀର୍ଥ, ରାମଗିରି ରାଜ ପୁରୋହିତ ରଞ୍ଜିତ କୁମାର ଦାଶ, ମହେନ୍ଦ୍ରଗଡ଼ ଗ୍ରାମବାସୀ ଓ ଅଞ୍ଚଳବାସୀ ଏହି ପଞ୍ଚ ମହାଯଜ୍ଞ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯଜ୍ଞ ସହ ଦୁଇ ଦିନ ଧରି ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେଉଛି।

### କଂଗ୍ରେସ ପକ୍ଷରୁ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି



ପାରଳାଖେମୁଣ୍ଡି,୩୦।୧(ସ୍ୱ.ପ୍ର.) : ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗୁରୁବାର ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଥମେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା । ଏଥିରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଯୋଗଦେଇ ଗାନ୍ଧିଜୀଙ୍କ ତ୍ୟାଗ, ଆଦର୍ଶ ଏବଂ ଭାରତ ସ୍ୱାଧୀନତାରେ ତାଙ୍କର ବଳିଷ୍ଠ ଅବଦାନ ବିଷୟରେ ମନେପକାଇଥିଲେ। ଏଥିସହ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଅହିଂସା ନୀତି ଅବଲମ୍ବନ କରି ଆଗାମୀ ଦିନରେ ଦୁର୍ନୀତି ବିରୋଧରେ ଲଢ଼େଇ ଜାରି ରହିବ ବୋଲି ସଭାପତି ପଣ୍ଡା କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୌତମ ପଣ୍ଡା, ଈଶ୍ୱର ମାଝି, ବାବୁଲି ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୭ ସୁଦ୍ଧା ମଣ୍ଡିରୁ ଧାନ ନ ଉଠିଲେ ଆନ୍ଦୋଳନ

ମାଲକାନଗିରି/ଗୋବିନ୍ଦପାଲୀ, ୩୦।୧(ଡି.ଏନ୍.ଏ.)

ରାଜ୍ୟ ସରକାର ଚାଷୀମାରଣ ନୀତି ଅବଲମ୍ବନ କରୁଛନ୍ତି। ଏବେବି ଅନେକ ମଣ୍ଡିରେ ଧାନ ପଡି ରହିଛି। ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅନେକ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆସନ୍ତା ୭ତାରିଖ ମଧ୍ୟରେ ପ୍ରଶାସନ ଧାନ ନ କିଣିଲେ ବଡ ଧରଣର ଆନ୍ଦୋଳନ ହେବ ବୋଲି ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଜିଲା ଭାଜପା ଚେତାବନୀ ଦେଇଛି। ସେହିଭଳି ମାଥିଲି ଅଞ୍ଚଳର ଚାଷୀମାନେ ଗୁରୁବାର ବ୍ଲକ ଯୋଗାଣ ନିରୀକ୍ଷକ ହୃଷୀକେଶ ମାଝିଙ୍କୁ ଭେଟି ଏ ନେଇ ଆଲୋଚନା କରିଛନ୍ତି। ମଣ୍ଡିରୁ ଧାନ ତୁରନ୍ତ ନ ଉଠାହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି।

ଜିଲାର ଚାଷୀମାନଙ୍କୁ ରାଜ୍ୟ ସରକାର ସାବତ ପୁଅ ଭାବୁଛନ୍ତି ବୋଲି ମାଲକାନଗିରି ବିଧାୟକ ତଥା ଭାଜପା ଜିଲା ସଭାପତି ଆଦିତ୍ୟ ମାଢି କହିଛନ୍ତି। ସରକାର ଲ୍ୟାମ୍ପସରୁ ୧୧,୩୧,୦୦୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ଟାର୍ଗେଟ ରଖିଥିବାବେଳେ ବର୍ତ୍ତମାନ ସୁଦ୍ଧା ୯,୮୮,୩୭୦ ମେଟ୍ରିକ ଟନ୍ ଧାନ ଖରିଦ କରିଛନ୍ତି। ବଳକା ଧାନ ଜିଲାର ୬୨ଟି ମଣ୍ଡିରେ ପଡି ରହିଛି। ପ୍ରତି ଚାଷୀଙ୍କଠାରୁ ପ୍ରାୟ ୫୦ କୁଇଣ୍ଟାଲ ଧାନ ଖରିଦ କରିବା କଥା, କିନ୍ତୁ ସରକାର ହେକ୍ଟର ପ୍ରତି ୧୬ କୁଇଣ୍ଟାଲ ଧାନ ବିକ୍ରି କରିବା ବ୍ୟବସ୍ଥା କରିଥିବାରୁ ଅବଶିଷ୍ଟ ଧାନକୁ ଚାଷୀମାନେ କ'ଣ କରିବେ ବୋଲି ଭାଜପା ପ୍ରଶ୍ନ କରିଛି। ଡୁଡାମେଟା ଗ୍ରାମର ୧୫ଜଣ ଚାଷୀଙ୍କ ନାମ ଏଯାଏ ପଞ୍ଜୀକରଣ ହୋଇ ନ ଥିବା ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ ଅଭିଯୋଗ କରିଛନ୍ତି। ଶିଖପାଲୀ ଲ୍ୟାମ୍ପସ ଅଧୀନ ପୋଟେରୁ ମଣ୍ଡିରେ ୫୨ଜଣ ଚାଷୀ ନାମ ପଞ୍ଜିକରଣ କରିଥିଲେ ମଧ ଏବେଯାଏ ପଞ୍ଜିକରଣ ନମ୍ବର କିମ୍ବା ଟୋକନ ଆସି ନ ଥିବାରୁ ସେମାନେ ଧାନ ବିକ୍ରି କରି ପାରୁନାହାନ୍ତି। ଉକ୍ତ ମଣ୍ଡିରେ ୨୬ଜଣ ଚାଷୀଙ୍କ ଟୋକନ ଆସିଥିବା ସତ୍ତ୍ୱେ ଲ୍ୟାମ୍ପସ କର୍ତ୍ତୃପକ୍ଷ ଧାନ ଖରିଦ ସମୟ ଗଡାଇ ଚାଲିଲେ ଓ ପରେ ଟୋକନ କମ୍ପ୍ୟୁଟରରୁ ଉଡିଗଲା ବୋଲି କହି ଧାନ କିଣୁ ନଥିବା ଅଭିଯୋଗ ହୋଇଛି। ଶିଖପାଲ୍ଲୀ ଲ୍ୟାମ୍ପସରେ ଦୁର୍ନୀତିଖୋର କର୍ମଚାରୀଙ୍କ ଯୋଗୁ ଚାଷୀମାନେ ଏହି ଅବସ୍ଥା ଭୋଗୁଛନ୍ତି ବୋଲି ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ କହିଛନ୍ତି। ମଣ୍ଡିରେ ଦେଖାଦେଉଥିବା ଅବ୍ୟବସ୍ଥାକୁ ସୁଧାରିବା, ଦଲାଲ ଚିହ୍ନଟ କରିବାରେ ପ୍ରଶାସନ ବିଫଳ ହୋଇଛି। ତେଣୁ ଚାଷୀ ବାଧ ହୋଇ କମ୍ ଦରରେ ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି ବୋଲି ଭାଜପା କହିଛି। ୭ତାରିଖ ସୁଦ୍ଧା ମଣ୍ଡିରୁ ଧାନ ନ ଉଠିଲେ ଆନ୍ଦୋଳନ ହେବ ବୋଲି ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିମାଇ ପାଲ, ଶ୍ୟାମଲ ସୁନାନୀ, ଜିଲା ଭାଜପା ଉପସଭାପତି ସୁବାସ ପଡିଆମି, ଚାଷୀ କ୍ରିଷ୍ଣ ମାଡକାମି, ଶୁଭଙ୍କର ଢାଲି, କୋରୁକୋଣ୍ଡା ବ୍ଲକ ଅଧକ୍ଷ ସାବିତ୍ରୀ ପଡିଆମି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

**ଭାଜପାର ଖବରଦାତା ସମ୍ମିଳନୀ**

- ଏବେବି ୬୨ ମଣ୍ଡିରେ ପଡ଼ି ରହିଛି ୧,୪୨,୬୩୦ ମେଟ୍ରିକ ଟନ୍ ଧାନ
- ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଧାନ ବିକ୍ରି ହୋଇପାରୁନି
- ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଭେଟିଲେ ମାଥିଲି ଅଞ୍ଚଳ ଚାଷୀ

## କାଲିମେଲା ବ୍ଲକ ବିଜେଡି କମିଟି ପୁନର୍ଗଠିତ

କାଲିମେଲା,୩୦।୧(ଡି.ଏନ୍.ଏ.)

ମାଲାକନଗିରି ଜିଲା କାଲିମେଲା ବ୍ଲକ ବିଜେଡି କମିଟି ପୁନର୍ଗଠନ କରାଯାଇଛି। ଏମ୍‌ଭି–୯୦ ଗାଁର ହରିହର ମନ୍ଦିର ନିକଟରେ ଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ୨୧ଜଣ ସଦସ୍ୟଙ୍କୁ ନେଇ ଏକ ନୂତନ କମିଟି ଗଠନ କରାଯାଇଛି। କାଲିମେଲା ବ୍ଲକ ବିଜେଡି ସଭାପତି ଭାବେ ଶରତ ଚନ୍ଦ୍ର ବିଶ୍ୱାଳଙ୍କୁ ଚୟନ କରାଯାଇଛି। ବିଷ୍ଣୁ ଚନ୍ଦ୍ର ସ୍ୱାଇଁ ସାଧାରଣ ସମ୍ପାଦକ, ଦେବାଶିଷ ହାଲ୍‌ଦାର, ଡି.ଦେବଦାନମ, ଉମେଶ ଦାସ, ତପନ ହାଲଦାର,ସୁବୋଧ ମିସ୍ତ୍ରିଙ୍କୁ ଉପସଭାପତିଭାବେ ଚୟନ କରାଯାଇଛି। ସେହିଭଳି ବଳରାମ ବଲ୍ଲଭ ସମ୍ପାଦକ, କ୍ରିଷ୍ଣା ରାଗୁଙ୍କୁ କୋଷାଧକ୍ଷ ଦାୟିତ୍ୱ ମିଳିଛି। କମିଟିରେ ସୁବ୍ରତ ସିଲ, ଲକ୍ଷ୍ମଣ ନାୟକ, ସପନ ମଜୁମଦାର, କାର୍ତ୍ତିକ ଗାଇନ, କ୍ରିଷ୍ଣ କୀର୍ତ୍ତନୀଆ, ବିଷ୍ଣୁପଦ ମଣ୍ଡଳ, ଜଗା ଉଇକା ପ୍ରମୁଖଙ୍କୁ ଦଳର ସଦସ୍ୟଭାବେ ଚୟନ କରାଯାଇଛି। ଉପଦେଷ୍ଟାଭାବେ ବରିଷ୍ଠ ବିଜେଡି ନେତା ବାବାଜି ମଲ୍ଲିକ, ପ୍ରଦୀପ ମଜୁମଦାର, ଭବେନ ବାଚାର, ବିଷ୍ଣୁପଦ ବିଶ୍ୱାସ, ଅଭିମନ୍ୟୁ ମଣ୍ଡଳ ଏହି କମିଟିରେ ରହିଛନ୍ତି। ଚିତ୍ରକୋଣ୍ଡା ବ୍ଲକର ପୂର୍ବତନ ବିଧାୟକ ଡମ୍ବରୁ ଶିଶା ଜିଲା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ କାଲିମେଲା ବ୍ଲକ ନିର୍ବାଚନ ସହାୟକ ଭାବେ ସୁଜୟ ମିସ୍ତ୍ରି ଏହି କମିଟି ଗଠନ କାର୍ଯ୍ୟ କରିଥିଲେ। ଏହି ସମୟରେ ବ୍ଲକ ବିଜେଡିର ସମସ୍ତ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଦଳକୁ ମଜଭୁତ କରିବାକୁ ପଦକ୍ଷେପ ନେବି ବୋଲି ବ୍ଲକ ସଭାପତି କହିଛନ୍ତି। ତୃଣମୂଳସ୍ତରରୁ ଏଥିପାଇଁ କାର୍ଯ୍ୟ କରିବାକୁ ହେବ ବୋଲି ସେ କହିଛନ୍ତି।



କମିଟି ଗଠନ ପାଇଁ ବୈଠକ ଚାଲିଛି ।

## କୋରୁକୋଣ୍ଡାରେ ଭାଲୁ ଆତଙ୍କ

ମାଲକାନଗିରି, ୩୦।୧(ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କୋଇଲିପାରି ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଛି। ୩ଟି ଭାଲୁ ସ୍ଥାନୀୟ ଅଞ୍ଚଳରେ ବୁଲୁଛନ୍ତି। ୧୫ ଦିନ ମଧ୍ୟରେ ୧୦୦ ରୁ ଉର୍ଦ୍ଧ୍ୱ କୁକୁଡା ଖାଇ ସାରିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ରାତି ହେଲେ ମୋନଜକୁଣ୍ଡା ଜଙ୍ଗଲରୁ ୩ ଟି ଭାଲୁ ଦାମାଗୁଡା, କୋଇଲିପାରି, ଆର୍ କୋଲନୀ, ନୂଆଗୁଡା ଗାଁ ଭିତରକୁ ଆସୁଛନ୍ତି ବୋଲି ଜାମଗୁଡାର ହରି ହନ୍ତାଳ, ମଙ୍ଗଳା ହନ୍ତାଳ, ବୁଦୁରା ରାମନାଗ, ମଙ୍ଗଳା ମାଡକାମି ଆଦି ଗ୍ରାମବାସୀ କହିଛନ୍ତି। ଆଦିବାସୀମାନେ ପାଳିଥିବା ଦେଶୀ କୁକୁଡ଼ାକୁ ଭାଲୁମାନେ ଖାଉଛନ୍ତି ବୋଲି ସେମାନେ କହିଛନ୍ତି। ୧୫ ଦିନ ମଧ୍ୟରେ ୧୦୦ରୁ ଉର୍ଦ୍ଧ୍ୱ କୁକୁଡ଼ା ଭାଲୁମାନେ ଖାଇ ସାରିଲେଣି ବୋଲି ଗ୍ରାମବାସୀ କହିଛନ୍ତି। ବନ ବିଭାଗ ଭାଲୁକୁ ଘଉଡ଼ାଇବା ବ୍ୟବସ୍ଥା କରୁଛି ବୋଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି। ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁ ଭାଲୁମାନେ ଜନବସତି ମୁହାଁ ହେଉଛନ୍ତି। ଭାଲୁ ନିକଟକୁ ନ ଯିବାକୁ ସେ ପରାମର୍ଶ ଦେଇଛନ୍ତି।

## ମା' କୁରେଇଶୁଣୀଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟି

ପାରଳାଖେମୁଣ୍ଡି,୩୦।୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଓଡ଼ିଆ ଭଣ୍ଡାରି ସାହିସ୍ଥିତ ମା' କୁରେଇଶୁଣୀ ଠାକୁରାଣୀଙ୍କ ଘଟ ପର୍ବ ପାଇଁ ଗୁରୁବାର ଶୁଭଖଣ୍ଟି ସ୍ଥାପନ ହୋଇଛି। ଏପ୍ରିଲ୍ ୨୯ରୁ ମେ ୫ ପର୍ଯ୍ୟନ୍ତ ସପ୍ତାହେ ଧରି ମା'ଙ୍କ ଘଟ ଯାତ୍ରା ଅନୁଷ୍ଠିତ ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଯାତ୍ରା କିପରି ଶୃଙ୍ଖଳିତ ଓ ସଫଳତାର ସହ ସମ୍ପନ୍ନ ହୋଇପାରିବ, ସେଥିପାଇଁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ରାମକୃଷ୍ଣ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଉଦୟ ବେହେରା, ଉପସଭାପତି ରମେଶ ପାଣିଗ୍ରାହୀ, ସମ୍ପାଦକ ସୁରେଶ ଚରତି, ବାବୁନା ବେହେରା, ସୁରେନ୍ଦ୍ର ମିଶ୍ର, ବାଳାନନ୍ଦ ରଥ, ଏନ୍. ପି. ପାତ୍ର, ପୂର୍ଣ୍ଣ ବେହେରା ଉପସ୍ଥିତ ଥିଲେ।

## ମୋଟର ସାଇକେଲ୍ ଜବତ: ଚୋରି ସନ୍ଦେହ

ପାରଳାଖେମୁଣ୍ଡି,୩୦।୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଗୁରୁବାର ଏକ ମୋଟର ସାଇକେଲ୍ ଜବତ କରିଛି। ସହରର ୯ ନଂ. ୱାର୍ଡ ଅଧୀନ ବେବର୍ତ୍ତା ସାହି ରାମ ମନ୍ଦିର ପରିସରରେ ଗାଡ଼ିଟି ୫ ଦିନ ହେଲା ପାର୍କିଂ ହୋଇଥିବାବେଳେ କେହି ଦୁର୍ବୃତ୍ତ ଗାଡ଼ିଟିକୁ ଆନ୍ଧ୍ର ପ୍ରଦେଶରୁ ଚୋରି କରି ଆଣିଥିବା ଅଞ୍ଚଳବାସୀ ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସନ୍ଧ୍ୟାରେ ଏସ୍‌ଆଇ. ସୁନୀଲ ଦଳେଇ, ଏଏସ୍‌ଆଇ ପୀତବାସ ଶତପଥୀ, ଗୋପୀନାଥ ଭୂୟାଁ ଘଟଣାସ୍ଥଳରୁ ଉକ୍ତ ରୟାଲ୍ ଏନ୍‌ଫିଲ୍ଡ–ଏପି୩୦ ଏଇ ୭୪୦୧ ଗାଡ଼ିଟିକୁ ଜବତ କରିଛନ୍ତି। ଗାଡିର ନମ୍ବରରୁ ଅନୁସନ୍ଧାନ ପରେ ଏହା ଡିଜେଲ୍ ଗାଡ଼ି ବୋଲି ଜଣାପଡୁଥିବାବେଳେ ଏଥିରେ ମୋଟର୍ ସାଇକେଲ୍ ନମ୍ବର କିପରି ଲାଗିଲା ବୋଲି ସନ୍ଦେହ ପ୍ରକାଶ ପାଇଛି। ତେଣୁ ଗାଡ଼ିଟି କେଉଁଠାରୁ ଅଣାଯାଇଛି, ସେ ନେଇ ପୋଲିସ ତଦନ୍ତ କରୁଥିବା ସୂଚନା ମିଳିଛି।

## ୯୦ କେଜି ଗଞ୍ଜେଇ ଜବତ: ୩ ଗିରଫ

ଚିତ୍ରକୋଣ୍ଡା, ୩୦।୧(ଡି.ଏନ୍.ଏ.)

ଗଞ୍ଜେଇ ଚାଲାଣ ଅଭିଯୋଗରେ ଚିତ୍ରକୋଣ୍ଡା ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ମନ୍ତ୍ରୀପୁଟ ଛକ ନିକଟରୁ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୋରାଗୁଡା ପଞ୍ଚାୟତ ଥାଟମାନଗୁଡା ଗ୍ରାମର ବୁଦୁ ଖିଲ, ପଦୁ ପୂଜାରୀ ଓ ପେଟାଲ ଗ୍ରାମର ବିଶୁ ଖିଲ। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ବୁଦୁ, ପଦୁ ଓ ବିଶୁ ୩ଟି ବ୍ୟାଗରେ ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ତଲାସି କରି ସେମାନଙ୍କଠାରୁ ପ୍ରାୟ ୯୦କେଜି ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରି ୨୮/୨୦ରେ ମାମଲା ରୁଜୁ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।




ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

## ଯୋଡ଼ାମ୍ବବାସୀଙ୍କୁ ପ୍ରଶାସନର ସହାୟତା

ଚିତ୍ରକୋଣ୍ଡା, ୩୦।୧(ଡି.ଏନ୍.ଏ.)



ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧୀନ ଯୋଡ଼ାମ୍ବ ପଞ୍ଚାୟତବାସୀଙ୍କୁ ପ୍ରଶାସନ ସହାୟତା କରିଛି। ଗୁରୁବାର ସେମାନଙ୍କୁ ରୋଷେଇ ସାମଗ୍ରୀ, ବାସନ, ୩୦ ପରିବାରକୁ ସିଏମ୍‌ଆର୍‌ଏଫ୍‌ରୁ ୩୦, ହଜାର ଟଙ୍କା ଓ ଘର ପାଇଁ ୱାର୍କ ଅର୍ଡର ଯୋଗାଇ ଦିଆଯାଇଛି। ଏଥିସହ ୬୦ ପରିବାରକୁ ଆଉ ୧୫ ଦିନ ପାଇଁ ଖାଦ୍ୟ ପଦାର୍ଥ ମିଳିଛି। ଚିତ୍ରକୋଣ୍ଡା ତହସିଲ କର୍ମଚାରୀ ଲୋକଙ୍କୁ ରୋଷେଇ କରି ଖାଇବାକୁ ଦେଇଥିଲେ। ପ୍ରକାଶ ଯେ, ମାଓବାଦୀ ଓ ଯୋଡାମ୍ବ ପଞ୍ଚାୟତବାସୀ କିଛି ଦିନ ତଳେ ମୁହାଁମୁହିଁ ହୋଇଥିଲେ। ମାଓବାଦୀମାନେ କିଛି ଲୋକଙ୍କ ଘରପୋଡି ଦେଇଥିଲେ। ସେବେଠୁ ପ୍ରଶାସନ ଅଞ୍ଚଳବାସୀଙ୍କୁ ସହାୟତା ଦେଉଛି।

## ଡାଲା ଅଟୋ ଓଲଟି ୨୫ ଶ୍ରମିକ ଆହତ

କାଶୀନଗର, ୩୦।୧(ଡି.ଏନ୍.ଏ.)

କାଶୀନଗର ଥାନା ଅଲଡ଼ା ପଞ୍ଚାୟତ ଅଧୀନ ଗାନ୍ଧୀନଗର ଠାରେ ଗୁରୁବାର ଏକ ଡାଲା ଅଟୋ ଓଲଟି ୨୫ ଶ୍ରମିକ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶ୍ରମିକମାନେ କାଶୀନଗର ବ୍ଲକ୍ ବୁଦୁରା ପଞ୍ଚାୟତ ଅଧୀନ ଅନ୍ନା ଗ୍ରାମରେ ଏହି ଶ୍ରମିକମାନେ କାମ କରୁଥିଲେ। ଅପରାହ୍ନ ୪ଟାରେ ସେମାନେ କାମ ସାରି ଏକ ଡାଲା ଅଟୋ ନଂ–ଏପି୩୦ ଟିସି ୦୦୯୧ ଯୋଗେ ଖାଣ୍ଡବା ଫେରୁଥିଲେ। ଏହି ସମୟରେ ଗାନ୍ଧୀନଗର ଠାରେ କୌଣସି କାରଣ ବସତଃ ଅଟୋଟି ଓଲଟି ପଡ଼ିଥିଲା। ଏଥିରେ ଚାଳକଙ୍କ ସମେତ ସମସ୍ତ ଶ୍ରମିକ ଆହତ ହୋଇଥିବାବେଳେ ଦମକଳ ବାହିନୀ ସହାୟତାରେ ସେମାନଙ୍କୁ ପ୍ରଥମେ ଖାଣ୍ଡବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ କେହି ଡାକ୍ତର କିମ୍ବା ଫାର୍ମାସିଷ୍ଟ ନ ଥିବାରୁ ୯ଜଣଙ୍କୁ କାଶୀନଗର ଏବଂ ଅନ୍ୟ କେତେକଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସାମାନ୍ୟ ଆହତମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ଖବର ପାଇ କାଶୀନଗର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଏବଂ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ସୂଚନା ମିଳିଛି। ସେହିପରି କାଶୀନଗର ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ଖାଣ୍ଡବା ସରପଞ୍ଚ ଜଗନ୍ନାଥ ଦୋରା ମଧ ପହଞ୍ଚି ଆହତଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।



ଚିକିତ୍ସାଧୀନ ଶ୍ରମିକମାନେ।

## ସଂକ୍ଷେପରେ



### ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର,୩୦ା୧(ନି.ପ୍ର.): ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବସନ୍ତ ନାୟକ, ଉଦୟ ପାଣିଗ୍ରାହୀ, ତୁଳାରାମ ହରିଜନ, ଶୀତଳ ରଥ, ବ୍ରଜ ନାଗ, ହାସନ ମଦାନୀ, ପ୍ରଦୀପ ସାମନ୍ତରାୟ, ଗଙ୍ଗା ସାହୁ ଉପସ୍ଥିତ ଥିଲେ।



### ଶିରିଡିସାଇ ବିଗ୍ରହ ମନ୍ଦିର ବାର୍ଷିକୋତ୍ସବ

ଦାମନଯୋଡ଼ି,୩୦ା୧(ଡି.ଏନ୍.ଏ.): ନାଲ୍କୋ ଟାଉନଶିପସ୍ଥିତ ଶିରିଡିସାଇଙ୍କ ବିଗ୍ରହ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଜାନୁୟାରୀ ୨୯ରୁ ଫେବୃୟାରୀ ୨ ଯାଏ ଅନୁଷ୍ଠିତ ହେଉଛି। ଗୁରୁବାର ଏକ କଳସ ଶୋଭାଯାତ୍ରାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିର ପୁଷ୍କରିଣୀରୁ ଜଳ ଆଣି ଶିରିଡିସାଇ ମନ୍ଦିରରେ ହୋଇଥିବା ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଅଖଣ୍ଡ ନାମଯଜ୍ଞ, ସର୍ବଦେବଦେବୀ ଆବାହନ, ଅଗ୍ନି ସଂସ୍କାର, ଆହୁତି କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ଓ ଶନିବାର ପ୍ରାତଃ ସୂର୍ଯ୍ୟ ପୂଜା ସହ ଶିରିଡିସାଇ, ବିଷ୍ଣୁ ଓ ଶିବ ସହସ୍ରନାମ ଆହୁତି, ଗୋପୂଜା, ସନ୍ଧ୍ୟା ଆଳତୀ କାର୍ଯ୍ୟକ୍ରମ ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଇ ଭଜନ ସମାରୋହ ଅନୁଷ୍ଠିତ ହେଉଛି। ରବିବାର ଶ୍ରୀସାଇଙ୍କ ଚଭାଡି ଯାତ୍ରା ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ନାଲ୍କୋ ଇଡି ରବିଶଙ୍କର ଦାସଙ୍କ ସହ ମହାପ୍ରବନ୍ଧକ ଓ ଅନ୍ୟ ଅଧିକାରୀ, ସିଆଇଏସ୍ଏଫ୍ କମାଣ୍ଡାଣ୍ଟ ପ୍ରମୁଖ ବାବାଙ୍କ ଦର୍ଶନ କରିଥିଲେ। ଗୁରୁବାର ଯଜ୍ଞରେ ଶଶାଙ୍କ ଶେଖର ସାହୁ, ହରିବନ୍ଧୁ ବିଶ୍ୱାଳ, ସି.ଡି. ଚୌଧୁରୀ, ମଧୁସୂଦନ ପଣ୍ଡା, ପ୍ରଭୁ ଚରଣ ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ରୂପେ ପଣ୍ଡିତ ବିଶ୍ୱନାଥ ଦାଶ, ସୂର୍ଯ୍ୟନାରାୟଣ ଦାଶ, ସନ୍ତୋଷ କୁମାର ଦାଶ, ବିଶ୍ୱନାଥ ଦାଶ (୨) ଓ ବିଘ୍ନେଶ ଆଚାର୍ଯ୍ୟଙ୍କ ସହ ନିୟମିତ ପୂଜକ ଚନ୍ଦ୍ରଶେଖର ପଣ୍ଡା ଓ ଅମିତ କୁମାର ଶତପଥୀ ପୂଜା ଓ ଯଜ୍ଞାଦି କାର୍ଯ୍ୟ କରିଥିଲେ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସ



ଜୟପୁର,୩୦ା୧(ଡି.ଏନ୍.ଏ./ନି.ପ୍ର.): ଜୟପୁରରେ ନୂତନ ଭାବେ ନିର୍ମିତ ହୋଇଥିବା ଜଗନ୍ନାଥ ମନ୍ଦିରର ୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଛି। ଜଗନ୍ନାଥ ସେବା ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଆଦି ଶଙ୍କରାଚାର୍ଯ୍ୟ ମଣ୍ଡପରେ ସ୍ଥାନୀୟ ରାଧାମାଧବ ଓ ଇସ୍କନ ପକ୍ଷରୁ ମହିଳା ଓ ପୁରୁଷମାନେ ଭଜନ ଓ କୀର୍ତ୍ତନ ପରେ ପଣ୍ଡିତ ଗୀତା ପ୍ରକାଶ ମିଶ୍ର ଏବଂ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡାଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଜୟପୁର କଳାକେନ୍ଦ୍ରର ଗୁରୁ କାହ୍ନୁଚରଣ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ଅନୁଧା ସାହୁ ଓ ଶୁଭଶ୍ରୀ ରଥ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଜଗନ୍ନାଥ ସଂସ୍କୃତିକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ କଟକ ମହାନଦୀ ମହାବିଦ୍ୟାଳୟର ଅଧାପକ ଡ. ଲକ୍ଷ୍ମଣ ସାହୁ, ଗବେଷକ ଶ୍ରୀରଙ୍ଗ ନାୟକ, ଜୟପୁର ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭିଜିଲାନ୍ସ ଜଜ୍ ମିଶ୍ରଙ୍କ ଦ୍ୱାରା ଲିଖିତ 'ଗୀତାନୁରାଗ ପୁରାଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ଟେଣ୍ଡର ପ୍ରକ୍ରିୟା ଉପରେ ଉଠିଲା ପ୍ରଶ୍ନ

## ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର

ପଟ୍ଟାଙ୍ଗୀ,୩୦ା୧(ଡି.ଏନ୍.ଏ.)

ରାଜ୍ୟ ସରକାର ୫-ଟି ଓ ମୋ ସରକାର ଜରିଆରେ ସରକାରୀ କାର୍ଯ୍ୟକ୍ରମକୁ ଦୁର୍ନୀତିମୁକ୍ତ କରିବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବିଭିନ୍ନ ପ୍ରକାର ଚାପ ଯୋଗୁ ବ୍ୟବସ୍ଥା ବାଧା ଉପୁଜୁଛି। କୋରାପୁଟ ଜିଲା ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ପାଇଁ ୨ଟି ଏମ୍‌ଏଚ୍‌ୟୁ ପାଇଁ ଗୋଟିଏ ଓ ଏନ୍‌ଆର୍‌ଏଚ୍‌ଏମ୍‌ଙ୍କ ପାଇଁ ଗୋଟିଏ ଗାଡ଼ି ଆବଶ୍ୟକ ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ଟେଣ୍ଡର ପ୍ରକ୍ରିୟା ପ୍ରସ୍ତୁତ କରି ଗଣମାଧ୍ୟମରେ ବିଜ୍ଞାପନ ନ ଦେଇ କେବଳ ବ୍ଲକର ସମସ୍ତ ଅଫିସ୍ ନୋଟିସ ବୋର୍ଡରେ ସୂଚନା ଲଗାଇ ଦାୟିତ୍ୱ ସାରିଦେଇଥିଲେ। କିଛି ସୁଫଳ ନ ମିଳିବାରୁ ସ୍ୱାସ୍ଥ୍ୟ ବିଭାଗ ଗତ ୫ ତାରିଖ ଦ୍ୱିତୀୟ ଥର ଟେଣ୍ଡର ପ୍ରସ୍ତୁତ କରି ଖବରକାଗଜରେ ବିଜ୍ଞାପନ ଦେଇଥିଲା। ଫଳରେ ଗାଡ଼ି ମାଲିକଙ୍କ ପକ୍ଷରୁ ୬ଟି ଟେଣ୍ଡର ପଡ଼ିଥିଲା। ଗତ ୧୮ ତାରିଖରେ ବିଭାଗୀୟ ସଭାଗୃହରେ ଟେଣ୍ଡର ଖୋଲାଯାଇଥିଲା। ସେଥିରୁ ଆର୍‌ବିଏସ୍‌କେରେ ୨ଟି, ଏମ୍‌ଏଚ୍‌ୟୁ ପାଇଁ ଗୋଟିଏ ଓ ବିପିଏମ୍ ପାଇଁ ଗୋଟିଏ ଟେଣ୍ଡର ପଡ଼ିଥିଲା। ଏମ୍‌ଏଚ୍‌ୟୁ ପାଇଁ ପଡ଼ିଥିବା ଟେଣ୍ଡରକୁ ଗ୍ରହଣ କରିବା ସହ ଆର୍‌ବିଏସ୍‌କେର ୨ଟିରୁ ଗୋଟିଏ ଅଗ୍ରାହ୍ୟ କରି ଅନ୍ୟଟିକୁ ଗ୍ରହଣ କରାଯାଇଥିଲା। ତେବେ ଟେଣ୍ଡର ନିୟମ ଅନୁଯାୟୀ ଚୟନ ହୋଇଥିବା ଗାଡ଼ିର କୌଣସି ତାଳମେଳ ନ ଥିଲେ ମଧ୍ୟ ତାହା କିପରି ବଛାଗଲା, ଅଭିଯୋଗ ଉଠାଇଛନ୍ତି ଅନ୍ୟ ଗାଡ଼ି ମାଲିକ। ସେହିପରି ବିପିଏମ୍ ଓ ଆର୍‌ବିଏସ୍‌କେ ପାଇଁ ପଡ଼ିଥିବା ଅନ୍ୟ ଦୁଇଟି ଗାଡ଼ି ଟେଣ୍ଡରର ନିୟମ ଭିତରେ ରହିଥିଲେ ମଧ୍ୟ ଏହାକୁ ଅଗ୍ରାହ୍ୟ କରାଯିବା ଯୋଗୁ ଟେଣ୍ଡର ପ୍ରକ୍ରିୟା ପାଇଁ ଚାପ ପକାଯାଇଥିବା ଅଭିଯୋଗ ଉଠିଛି। ତେଣୁ ପୁଣି ଥରେ ନୂତନ ଟେଣ୍ଡର କରାଯାଉ ବୋଲି ଦାବି ହୋଇଛି। ନୂତନ ଗାଡ଼ି ବା ପାଞ୍ଚ ବର୍ଷ ଅବଧି ଭିତରେ ଥିବା ଗାଡ଼ିକୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ କରିବା ପାଇଁ ଡାକ୍ତର ଓ କର୍ମଚାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମତ ଦେଇଥିଲେ ମଧ୍ୟ ତାହାକୁ ଦୃଷ୍ଟିରେ ରଖାଯାଇ ନାହିଁ। ଅନ୍ୟପକ୍ଷରେ ଟେଣ୍ଡର ଖୋଲା ହେବା ସମୟରେ ଅଭିଯୋଗ ରହିଥିବା ଗାଡ଼ିର ଟେଣ୍ଡର ଗ୍ରହଣ କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିବା ବେଳେ ଉପସ୍ଥିତ ମୁଷ୍ଟିମେୟ ବ୍ୟକ୍ତି ତାଙ୍କୁ ମାମଲା ରୁଜୁ କରିବି କହି ଧମକ ଦେବାକୁ ପଛାଇ ନ ଥିଲେ। ଏସବୁ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ କୋରାପୁଟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଛି। ସମସ୍ତ ଟେଣ୍ଡର ବାତିଲ କରି ପୁନର୍ବାର ଟେଣ୍ଡର କରିବାକୁ ଦାବି ହୋଇଛି। ଏ ନେଇ ସିଡିଏମ୍‌ଓ ଡାକ୍ତର ମକରନ୍ଦ ବେଉରା କହିଛନ୍ତି, ଅଭିଯୋଗ ପାଇଛୁ। ଜଣେ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ଦୁଇ ଥର ଟେଣ୍ଡର ଆହ୍ୱାନ କରିବା ସତ୍ତ୍ୱେ ସୁଫଳ ନ ମିଳିବାରୁ ଆଠ ବର୍ଷର ଗାଡ଼ିକୁ ଗ୍ରହଣ କରିବାକୁ ବାଧ୍ୟ ହେଲୁ। ତେବେ ତାଙ୍କର ଏପରି ଉତ୍ତର ପଛରେ ଚାପ ରହିଥିବା ଅନୁମାନ କରିହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖ ଛଇଳୀ ଗେଲ**
**ଆଗେ ହେଉଥିଲା କୁଟା ଆଲୁଅ**
**ଏବେ ମାଠିଆ ମାଠିଆ ତେଲ ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇଥାଏ। ଧନ ବଳରେ ସେ ନିଜ ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ଅଣଦେଖା କରିବାକୁ ଲାଗିଥାଏ। ଧନ ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇଦିଏ। ଏପରିସ୍ଥଳେ ନିଜ ପ୍ରାଚୁର୍ଯ୍ୟକୁ ନେଇ ଛଇଛଟକୀ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ ଦେଉଣୀକି କୋଳଥମଣ୍ଡା**
**ତହିଁ ମାରିଥିବ ଗୋବ**
**ଯେ ଯେମିତି ମାଗି ଅଇଲେ**
**ଗୋବ ଚିହ୍ନି କରି ଦେବ ।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ବାଛବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପୂଜା ପାଇଲେ ମା' ବାଗ୍‌ଦେବୀ


ଜୟପୁର


ଜୟପୁର ଶାରଦାବିହାର ସରସ୍ୱତୀ ବିଦ୍ୟାମନ୍ଦିର


ଦଶମନ୍ତପୁର


ସୁନାବେଡ଼ା


ଦାମନଯୋଡ଼ି ସରସ୍ୱତୀ ବିହାର


ଦାମନଯୋଡ଼ି ନାଲ୍‌କୋ ଟାଉନ୍‌ଶିପ୍

# 'ପିଲାଙ୍କୁ ଦିଗଦର୍ଶନ ଦିଏ ସଂସ୍କୃତି, ପରିବେଶ'

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

କୁନ୍ଦୁରା,୩୦ା୧(ଡି.ଏନ୍.ଏ.)

କୁନ୍ଦୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ନିଜ ବକ୍ତବ୍ୟରେ ସେ କହିଛନ୍ତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଛାତ୍ରୀଛାତ୍ର ଶିକ୍ଷାଲାଭ କରି ଓଡ଼ିଶାର ବିଭିନ୍ନ ବଡ଼ ପଦପଦବୀରେ ରହିଛନ୍ତି। ବେସରକାରୀ ହୋଇଥିଲେ ମଧ୍ୟ ଏଠାକାର ସୁସ୍ଥ ପରିବେଶ ଓ ଉଚ୍ଚ ସଂସ୍କୃତି ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଛି। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ବୃନ୍ଦାବନ ପାତ୍ର, ଶିକ୍ଷାବିତ୍ ଅନୀଲ ଚନ୍ଦ୍ର ଦାସ, ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ସରପଞ୍ଚ ପାର୍ବତୀ ଫାମ୍ପୁଣିଆ, ଜିଲା ପରିଦେ ସଭ୍ୟ ଲକ୍ଷ୍ମୀ ମିନରବାଲିଆ, ଧନୀରାମ ବାରିକ, ପ୍ରଧାନଆଚାର୍ଯ୍ୟ ଭଗବାନ ପାଢ଼ୀ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଥମ ପ୍ରତିଷ୍ଠାତା ତ୍ରିପତି ଗୁରୁଙ୍କ ଦେହାନ୍ତ ହୋଇଥିବାରୁ ତାଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍ୱରୂପ ବାଗ, ବନ୍ଦନା ସାହୁ, ଦିଲିପ ବିଶୋୟୀ, କ୍ରିଷ୍ଣା କୁମାରୀ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକୋତ୍ସବରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ଅନ୍ୟ ଅତିଥିମାନେ।

### ସ୍କର୍ପିଓରୁ ୫୧ ଲକ୍ଷ ଟଙ୍କା ମିଳିବା ଘଟଣା

# ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

ଲମତାପୁଟ,୩୦ା୧(ଡି.ଏନ୍.ଏ.)

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅଞ୍ଚଳରୁ ଏକ ସ୍କର୍ପିଓରୁ ୫୧ଲକ୍ଷ ୧୭ ହଜାର ୬୫୦ ଟଙ୍କା ଜବତ କରିଥିଲା ବିଏସ୍ଏଫ୍। ଏହି ମାମଲାରେ ପୂର୍ବରୁ ୪ ଜଣ ଅଭିଯୁକ୍ତ ଜଗଦଲ ଶୋ, ସଦା ବିଷୋୟୀ, ବିଜୟ ଖେମୁଣ୍ଡୁ ଓ ଭଗବାନ ହନ୍ତାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି ପୋଲିସ। ଗୁରୁବାର ଏହି ମାମଲାର ମୁଖ୍ୟ ଅଭିଯୁକ୍ତ, ଯିଏ ଟଙ୍କା ଦେଇଥିଲେ, ତାଙ୍କୁ ଲମତାପୁଟ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ ହରିଆଗଞ୍ଜର ଧର୍ମେନ୍ଦ୍ର ଗୁପ୍ତା। ସେ ୧୦ ବର୍ଷ ହେବ ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରେ ରହି ଅଦା, ହଳଦୀ ବ୍ୟବସାୟ କରୁଥିଲେ। ତାଙ୍କ ବୟାନ ଅନୁସାରେ ଏହି ଟଙ୍କା କାରବାରର ଚୋର ଝାଡ଼ଖଣ୍ଡ ଓ ହରିୟାନାକୁ ଲମ୍ବିଛି। ଆଗକୁ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଗୁରୁବାର ଏସ୍‌ପି ଉତ୍କଳ ରଞ୍ଜନ ଦାସ କହିଛନ୍ତି ।

### ଜିଲା ବିଜେଡି ସାଙ୍ଗଠନିକ ନିର୍ବାଚନ

# ୧୭ ବ୍ଲକ, ନଗର ସଭାପତି ଚୟନ

ସେମିଳିଗୁଡ଼ା,୩୦ା୧(ସ୍ୱ.ପ୍ର.)



କୋରାପୁଟ ଜିଲା ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ୧୩ ଜାନୁଆରୀ ଓ ଦ୍ୱିତୀୟ ପର୍ଯ୍ୟାୟ ୨୯ ଜାନୁଆରୀରେ ସମାପ୍ତ ହୋଇଛି। ୧୭ଟି ବ୍ଲକ ସଭାପତି ଓ ନଗର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜିଲା ନିର୍ବାଚନ ଅଧିକାରୀ ନରେନ୍ଦ୍ର କୁମାର ସ୍ୱାଇଁ ଘୋଷଣା କରିଛନ୍ତି। ନିର୍ବାଚିତ ପ୍ରାର୍ଥୀମାନେ ହେଲେ କୋରାପୁଟ ବ୍ଲକ ପାଇଁ ସଂଜୀବ କୁମାର ମହାନ୍ତି, ଜୟପୁର ବ୍ଲକ ପାଇଁ ବିନୋଦ ଚନ୍ଦ୍ର ପାତ୍ର, ବୋରିଗୁମ୍ମା ବ୍ଲକ ପାଇଁ ବିବେକାନନ୍ଦ ପଟ୍ଟନାୟକ, କୁନ୍ଦୁରା ବ୍ଲକ ପାଇଁ ବୃନ୍ଦାବନ ମଲ୍ଲିକ, ବୈପାରୀଗୁଡ଼ା ବ୍ଲକ ପାଇଁ ବିଜୟ ସାମନ୍ତରାୟ, କୋଟପାଡ଼ ବ୍ଲକ ପାଇଁ ଗୋପାଳ ଲାଲ ସିଂଦେଓ, ଲମତାପୁଟ ବ୍ଲକ ପାଇଁ ଶ୍ୟାମସୁନ୍ଦର ନାୟକ, ସେମିଳିଗୁଡ଼ା ବ୍ଲକ ପାଇଁ ରାମ ଅଣ୍ଟାବିରିଆ, ପଟ୍ଟାଙ୍ଗୀ ବ୍ଲକ ପାଇଁ ବିଶ୍ୱନାଥ ପଡାଲ, ନନ୍ଦପୁର ବ୍ଲକ ପାଇଁ କାଶୀନାଥ ଗୋଲରୀ, ଦାଶମନ୍ତପୁର ବ୍ଲକ ପାଇଁ ମହେନ୍ଦ୍ର କୁଲଦୀପ, ଲକ୍ଷ୍ମୀପୁର ବ୍ଲକ ପାଇଁ ପ୍ରସାଦ ଖରା, ନାରାୟଣପାଟଣା ବ୍ଲକ ପାଇଁ ଯଗି ନାରାୟଣ ରାଓ ଓ ବନ୍ଧୁଗାଁ ବ୍ଲକ ପାଇଁ କେ.ଏସ୍. ନାଗରାଜୁ। ସେହିପରି ଜୟପୁର ନଗର ସଭାପତି ଭାବେ ହର ମିଶ୍ର, କୋରାପୁଟ ନଗର ସଭାପତି ଭାବେ ସୁରେଶ କୁମାର ପଟ୍ଟନାୟକ ଓ ସୁନାବେଡ଼ା ନଗର ସଭାପତି ଭାବେ ବିଜୟ କୁମାର ରାଉତଙ୍କ ନାମ ଘୋଷଣା କରାଯାଇଛି।

# ମନୋନୀତ ହେଲେ ୧୬ ପଞ୍ଚାୟତ ସଭାପତି

## ୨୧ ଜଣିଆ କମିଟି ଗଠିତ

ଦଶମନ୍ତପୁର,୩୦ା୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ରେ ଗୁରୁବାର ପଞ୍ଚାୟତ ସ୍ତରୀୟ ସଭାପତି ଚୟନ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡିର ସହକାରୀ ନିର୍ବାଚନ ଅଧିକାରୀ ଅରୁନ ରଥ୍ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ବିଜେଡି ଜିଲା ଉପସଭାପତି ତଥା ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ ଯୋଗ ଦେଇଥିଲେ। ବିଜେଡିର ପ୍ରଥମ ଓ ଦ୍ୱିତୀୟ ସାଙ୍ଗଠନିକ ନିର୍ବାଚନରେ ସର୍ବସମ୍ମତି କ୍ରମେ ଏହି ବ୍ଲକରେ ଥିବା ୧୬ଟି ପଞ୍ଚାୟତ ପାଇଁ ସଭାପତି ଚୟନ କରାଯାଇଥିଲା। ଏହାସହ ୨୧ ଜଣିଆ ବ୍ଲକ କମିଟି ମଧ୍ୟ ଗଠିତ ହୋଇଛି। ୧୬ଟି ପଞ୍ଚାୟତର ସଭାପତି ଓ ୨୧ ଜଣିଆ କମିଟି ମିଶି ଦୁର୍ଗମ ଓ ଅନୁନ୍ନତ ଅଞ୍ଚଳରେ ଥିବା ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ସହ ଗାଁର ସମସ୍ୟା ସମାଧାନ କରିବେ।


ଦଶମନ୍ତପୁର ବିଜେଡି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଅଧାରେ ଶ୍ରେଣୀଗୃହ, ବାରଣ୍ଡାରେ ପଢୁଛନ୍ତି ପିଲା

## ବଡ଼ମାଝୀଗୁଡ଼ା ବିଦ୍ୟାଳୟ

ବୋରିଗୁମ୍ମା,୩୦ା୧(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକର ୩୦ଟି ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ଖୋଲିବା ପାଇଁ ଲକ୍ଷ୍ୟ ରହିଥିଲା। ସେହି ଅନୁସାରେ ନୂଆ ଉଚ୍ଚ ବିଦ୍ୟାଳୟ ନିର୍ମାଣ ନ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରିତ କରିବା ଯୋଜନା କରାଗଲା। ଯେଉଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଚ୍ଚ ବିଦ୍ୟାଳୟ ହେବ, ସେଠାରେ ନୂଆ ଶ୍ରେଣୀଗୃହ ନିର୍ମାଣ ହେବା କଥା। କିନ୍ତୁ ପ୍ରଶାସନିକ ଅବହେଳା ପାଇଁ ଅଧିକାଂଶ ବିଦ୍ୟାଳୟରେ ନୂଆଗୃହ ଅଧାପନ୍ତରିଆ ପଡ଼ିଛି। ଏହାର ଏକ ଦୃଷ୍ଟାନ୍ତ ହେଉଛି ବୋରିଗୁମ୍ମା ବ୍ଲକ ବଡ଼ମାଝୀଗୁଡ଼ା ଉଚ୍ଚ ବିଦ୍ୟାଳୟ। ୨୦୦୯ରେ ବଡ଼ମାଝୀଗୁଡ଼ା ଉଚ୍ଚ ବିଦ୍ୟାଳୟ ମାନ୍ୟତା ପାଇବା ପରେ ୨୦୧୧ରେ ନୂତନ ଶ୍ରେଣୀଗୃହ ପାଇଁ ଅନୁଦାନ ମିଳିଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ନୂତନ ଶ୍ରେଣୀଗୃହ ନିର୍ମାଣ କରିବାକୁ ସରକାର ଅନୁମତି ଦେଇଥିଲେ। ବିଡ଼ମ୍ବନା, ନଅ ବର୍ଷ ଧରି ନୂତନ ଶ୍ରେଣୀଗୃହ ନିର୍ମାଣ କାମ ଅଧାରେ ଅଟକିଛି। ୪୫ ଲକ୍ଷ ବଜେଟ୍‌ରେ ହେବାକୁ ଥିବା ଦୁଇମହଲା କୋଠାରେ ୮ଟି ଶ୍ରେଣୀଗୃହ ରହିଛି। ଏବେ ବି କବାଟ, ଝରକା ଲାଗି ନ ଥିବା ବେଳେ ପାଣି ସୁବିଧା କି ବିଦ୍ୟୁତ ସଂଯୋଗ ମଧ୍ୟ ହୋଇନାହିଁ। ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀର ପିଲା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ପାଠ ପଢୁଛନ୍ତି। ନବମରେ ୫୭ ଓ ଦଶମରେ ୧୭ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରଥମରୁ ଅଷ୍ଟମ ଭିତରେ ୧୦୫ ଜଣ ପିଲା ରହିଛନ୍ତି। ବର୍ତ୍ତମାନ ମାତ୍ର ୪ଟି ଶ୍ରେଣୀଗୃହ ଥିବାରୁ ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲା ବାରଣ୍ଡାରେ ପାଠ ପଢୁଛନ୍ତି। ବଡ଼ମାଝୀଗୁଡ଼ା ବିଦ୍ୟାଳୟକୁ ପାଖାପାଖି ୧୦ଟି ଗାଁର ପିଲା ପଢ଼ିବାକୁ ଆସୁଛନ୍ତି। ତୁରନ୍ତ ଅଧାରେ ଅଟକିଥିବା ଶ୍ରେଣୀଗୃହ ଶେଷ କରିବାକୁ ଦାବି ହୋଇଛି। ବିଭାଗୀୟ ଏସ୍‌ଡିଓ କହିଛନ୍ତି, ଅଳ୍ପ ଦିନ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ କାମ ଶେଷ କରାଯିବ।


ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

## ସଂକ୍ଷେପରେ

### ତେଲନଦୀ ବ୍ରିଜ୍ କାର୍ଯ୍ୟ ପରିଦର୍ଶନ କଲେ ପୂର୍ବତନ ଏମ୍‌ପି



ଚନ୍ଦାହାଣ୍ଡି,୩୦।୧(ଡି.ଏନ.ଏ):ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ତେଲନଦୀରେ ଆରମ୍ଭ କରାଯାଇଥିବା ବ୍ରିଜ କାର୍ଯ୍ୟ ପୂର୍ବତନ ଏମି ବଳଭଦ୍ର ମାଝି ପରିଦର୍ଶନ କରିଛନ୍ତି। ଉକ୍ତ ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଚନ୍ଦାହାଣ୍ଡି ବ୍ଲକ ସହ ଛତିଶଗଡର ଯୋଗାଯୋଗ ହୋଇପାରିବ। ଚନ୍ଦାହାଣ୍ଡି ବ୍ଲକବାସୀ ଛତିଶଗଡର ରାୟପୁର ସହ ବାଣିଜ୍ୟ ଓ ଡାକ୍ତରଖାନା ପାଇଁ ନିର୍ଭର କରିଥାନ୍ତି। ଏହି ବ୍ରିଜ ହେଲେ ଉଭୟ ରାଜ୍ୟର ଜନସାଧାଣ ଉପକୃତ ହେବ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଇଲିମୁଣ୍ଡା ପାଖରେ ୭ କୋଟି ୫୬ ଲକ୍ଷ ଏବଂ ସନ୍ଧିମୁଣ୍ଡା ପାଖରେ ୬କୋଟି ୮୦ ଲକ୍ଷ ଟଙ୍କା ବ୍ରିଜ କାର୍ଯ୍ୟ ଆରମ୍ଭ ହୋଇଛି। କୋଇଲିମୁଣ୍ଡା ପାଖରେ ନିର୍ମାଣଧୀନ ବ୍ରିଜ ୨ ବର୍ଷ ୨ ମାସ ଏବଂ ସନ୍ଧିମୁଣ୍ଡା ପାଖରେ ନିର୍ମାଣଧିନ ବ୍ରିଜ ୩ ବର୍ଷ ୩ ମାସ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ତେବେ କାର୍ଯ୍ୟ ସରିବାର ଅବଧି ଶେଷ ହୋଇଯାଇଛି। ଉକ୍ତ ବ୍ରିଜ କାର୍ଯ୍ୟ ବିଳମ୍ବକୁ ଦେଖି ପୂର୍ବତନ ଏମପି ମାଝି ଅସନ୍ତୋଷ ପ୍ରକାଶ କରିବା ସହ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଶୀଘ୍ର କାର୍ଯ୍ୟ ସାରିବାକୁ କହିଥିଲେ।

### ଜଙ୍ଗଲରୁ କଟାଯାଉଛି ଗଛ

ନବରଙ୍ଗପୁର,୩୦।୧(ବି.ପ୍ର.):ଜଙ୍ଗଲରୁ ଗଛ କାଟିଲେ ଆଇନ ଭିତରେ ଛନ୍ଦି ହେବେ ଏହା ସମସ୍ତେ ଜାଣିଛନ୍ତି। ତଥାପି ମୁଲ୍ୟବାନ ଜଙ୍ଗଲ ଭିତରେ ଶାଳ ଗଛ ଗୁଡିକ କାଟିଦିଆ ଯାଉଛି। ପାପଡହାଣ୍ଡି ସଦର ମହକୁମା ଓ ମୃଗ ବିହାର ୨ କିମି ବ୍ୟବଧାନ ମଧରେ ଶାଳ ଓ ସାଗୁଆନ ଜଙ୍ଗଲ ରହିଛି। ଏହାର ସୁରକ୍ଷା ଦେବା ପାଇଁ ଗାଁ ମାନଙ୍କୁ ନିୟୋଜିତ କରାଯାଇଛି। ତଥାପି ଜଙ୍ଗଲ ଭିତରେ ଜାଳେଣୀ କାଠ ନାଁରେ ପ୍ରବେଶ କରି ମୂଲ୍ୟବାନ ଶାଳ ଗଛ କାଟି ନେଇ ଯାଉଛନ୍ତି। ଗୁରୁବାର ଗେଦୁ ଭତରା ନାମକ ଜଣେ ବ୍ୟକ୍ତି ଜଙ୍ଗଲ ଭିତରେ ପଶି ଶାଳ ଗଛ କାଟି ଘରକୁ ନେବା ସମୟରେ ଫରେଷ୍ଟ ଗାର୍ଡ ଖବର ପାଇ କଠ ଜବତ କରିଥିଲେ।

### ପୋଲିସ ପରିଚୟ ଦେଇ ଲୁଟ୍

ଚିକିଟି,୩୦।୧(ଡି.ଏନ.ଏ.)-ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଅଞ୍ଚଳରେ ଗୁରୁବାର ମଧ୍ୟାହ୍ନରେ ଜଣେ ବୃଦ୍ଧ ଲୁଟର ଶିକାର ହୋଇଛନ୍ତି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବଇରିବାଡ ଗ୍ରାମର ପି.ଦଣ୍ଡ। ପୋଲିସ ପରିଚୟ ଦେଇ ଦୁର୍ବୃତ୍ତମାନେ ତାଙ୍କଠାରୁ ସୁନାଚେନ୍ ଓ ମୁଦି ଲୁଟି ନେଇଛନ୍ତି। ପି.ଦଣ୍ଡ ସ୍କୁଟର ଯୋଗେ ଚିକିଟି ବଜାରକୁ ଆସୁଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରେ ବାଇକ୍‌ରେ ଆସିଥିବା ୨ ଦୁର୍ବୃତ୍ତ ନିଜକୁ ପୋଲିସ୍ ପରିଚୟ ପି. ଦଣ୍ଡ ପିନ୍ଧିଥିବା ଚେନ ଓ ମୁଦି ସାଇତି ରଖିବାକୁ ତାଙ୍କୁ କହିଥିଲେ। ପି. ଦଣ୍ଡ ଚେନ ମୁଦି କାଢ଼ିବା ବେଳେ ଦୁର୍ବୃତ୍ତ କୌଶଳକ୍ରମେ ତାହାକୁ ଲୁଟିନେଇ ଏକ କଳା ରଙ୍ଗର ବାଇକରେ ଚମ୍ପଟ ମାରିଥିଲେ। ଲୁଟର ଶିକାର ହୋଇଥିବା ପି.ଦଣ୍ଡ ଏ ନେଇ କେ. ନୂଆଗାଁ ଥାନାରେ କରିଥିଲେ।

■ ପାପଡ଼ାହାଣ୍ଡି ନୂତନ ଥାନା ପରିଦର୍ଶନ କଲେ ଗୃହମନ୍ତ୍ରୀ

# ଟିମ୍ ୱାର୍କ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ

ନବରଙ୍ଗପୁର/ପାପଡାହାଣ୍ଡି, ୩୦।୧(ବି.ପ୍ର./ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ନୂଆ ଥାନାକୁ ଗୃହମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଗୁରୁବାର ଅଚାନକ ଗସ୍ତ କରିଥିଲେ। ଏସପି ନିତୀନ କୁସଲକରଙ୍କ ସହ ଆଲୋଚନା ପରେ ଥାନାର ସମସ୍ତ କକ୍ଷ ଦେଖିଥିଲେ । ପୋଲିସ କର୍ମଚାରୀମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ମୋଟାପଣରୁ କମ ରହିବାକୁ ପରାମର୍ଶ ଦେଇଥିଲେ । ଟୋପି ଓ ପୋଷାକ ପିନ୍ଧି ରହିବାକୁ କହିଥିଲେ। ଏହି ଅବସରରେ ମନ୍ତ୍ରୀ ମିଶ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଯେଉଁ ରହିଛି ମୋ ସରକାର ଓ ୫-ଟି ସମ୍ପର୍କରେ ବହୁତ ସୁନ୍ଦର ଭାବେ ଥାନାରେ ଟଙ୍ଗା ଯାଇଛି। ନୂଆ କୋଠାକୁ ଥାନା ସ୍ଥାନାନ୍ତରିତ ହୋଇଛି। ସିସିଟିଭି ସହ ମହିଳା ଓ ଶିଶୁଙ୍କ



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏସ୍‌ପି ଏବଂ ପୋଲିସ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଯାହା ଅପରାଧିକ ଅଭିଯୋଗ ପାପଡାହାଣ୍ଡି ଥାନାରେ ହୋଇଛି ତାହାର ସାମାଧାନ ପୋଲିସ କରିଛି। ଏ ସବୁ ଦେଖି ଅତ୍ୟନ୍ତ ଖୁସି ଅନୁଭବ କରୁଛି । ଭିତିଭୂମିର ଉନ୍ନତି ପାଇଁ ଯେଉଁ ସବୁ କାର୍ଯ୍ୟ ରହିଛି ତୁରନ୍ତ ତ୍ୱରାନିତ କରାଯିବ। ପୋଲିସ ଗରିବ ଲୋକଙ୍କ ପାଖକୁ ପହଞ୍ଚିପାରିବ ଓ ଥାନାରେ ସେମାନଙ୍କ ଆବେଦନକୁ ଗ୍ରହଣ କରି ଏଫଆଇଆର ରୁଜୁ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଦୁର୍ଘଟଣା ଜନିତ ମେଡିକାଲ ଘଟଣା, ମଟର ସାଇକେଲ ଚୋରୀ ଘଟଣାଗୁଡିକ ପୋର୍ଟାଲ ତଥା ମୋବାଇଲ ଆପରେ ସିଧାସଳଖ ଏତଲା ରୁଜୁ କରାଇ ପାରିବେ । ଟେକ୍ନୋଲୋଜିକୁ ବ୍ୟବହାର କରିବା ସହ ଟିମ ୱାର୍କ ଭାବେ କାର୍ଯ୍ୟ କର। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ଅନୁସାରେ କାମ କରିବାକୁ ପରାମର୍ଶ ଦେଇଥିଲେ। ତେବେ ନୂତନ ଥାନାଙ୍କୁ ରାସ୍ତା ଖଣ୍ଡେ ନାହିଁ। ରାତି ହେଲେ ଭାଲୁ ଭୟ ସହ ଷ୍ଟ୍ରିଟ ଲାଇଟ ନାହିଁ ବୋଲି ପ୍ରଶ୍ନ କରିବାରୁ ଜିଲା ପ୍ରଶାସନ ସହ ଏନେଇ ଆଲୋଚନା କରିବି । ତୁରନ୍ତ ରାସ୍ତା ଓ ଆଲୋକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଥାନାର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଏସପି କହିଛନ୍ତି। ଥାନା ଅଧିକାରୀଙ୍କୁ ଏକ ଡିଜାଇନ ଓ ମ୍ୟାପ କରି ଦେବାକୁ ପରାମର୍ଶ ଦେଇଥିଲେ । ଫୁଲ ଗଛ ସହ ଆବଶ୍ୟକୀୟ ମରାମତି କାର୍ଯ୍ୟ ପାଇଁ କ'ଣ କରାଯିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବିଏସ୍ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର


ମହିଳାମାନଙ୍କୁ ବିଏସଏଫ ଡେପୁଟି କମାଣ୍ଡାଣ୍ଟ ଶାଢୀ ପ୍ରଦାନ କରୁଛନ୍ତି।

ଝରିଗାଁ,୩୦।୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଜୁନାପାଣି ଏବଂ ତେଲନଦୀ ପଞ୍ଚାୟତ ଅନ୍ତର୍ଗତ କୁନିନାଲ ଏବଂ ମିର୍ଚିମାଲ ଗ୍ରାମରେ ବିଏସଏଫ ତରଫରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଏସଏଫ ଡେପୁଟି କମାଣ୍ଡାଣ୍ଟ ରିତେଶ କୁମାର ଚୈଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରେ କିପରି ଶାନ୍ତି ଶୃଙ୍ଖଳାରେ ରହିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଗ୍ରାମରେ ରହିଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜୁନାପାଣି ଠାରେ ଅନୁଷ୍ଠିତ ଶିବିରରେ ୪୩୦ ମହିଳା ଓ ପୁରୁଷଙ୍କୁ କମ୍ବଳ, ଶାଢୀ, ଲୁଙ୍ଗି, ଛତା, ରୋଷେଇ ଉପକରଣ ବଣ୍ଟନ କରିଥିଲେ। ସେହିପରି ଯୁବ ଗୋଷ୍ଠୀଙ୍କୁ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି କୁନିନାଲ ଏବଂ ମିର୍ଚିମାଲ ଠାରେ ଅନୁଷ୍ଠିତ ଶିବିରରେ ୧ଶହ ମହିଳା ଓ ପୁରୁଷଙ୍କୁ ସାମଗ୍ରୀ ପ୍ରଦାନ କରିଥିଲେ। ବେଲଗାଁ ସରପଞ୍ଚ ଦୟନାରୀ ସାନ୍ତା, ୱାର୍ଡ ମେମ୍ବର ଚୈତନ ଗୌଡ, ୧୫ ବିଏନ୍ ବିଏସଏଫର ଇନ୍ସପେକ୍ଟର ବିକ୍ରମ ସିଂ, ଏସ୍ଆଇ ରାଜେଶ କୁମାର, ଏଏସ୍ଆଇ ବିଜେନ୍ଦ୍ର କୁମାର, ପି. ଚକ୍ରବର୍ତୀ, ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଆରମ୍ଭ ହେଲା ବାଲିଯାତ୍ରା

ପାପଡାହାଣ୍ଡି,୩୦। ୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟରେ ଗୁରୁବାର ବାଲିଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପ୍ରତି ୧୨ ବର୍ଷରେ ଏହି ବାଲି ଯାତ୍ରା ହୋଇଥାଏ। ଯାତ୍ରାରେ ମୁଖ୍ୟ ଅତିଥି ଏମପି ରମେଶ ମାଝୀ, ସମ୍ମାନୀୟ ଅତିଥି ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ଅଧକ୍ଷା ଭଗବତୀ ଭତରା, ଜିଲାପାଳ ଅଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ୩ମାସ ଧରି ଏହି ବାଲି ଯାତ୍ରା ଚାଲିବ । ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବ ବାଲିଯାତ୍ରାରେ ଜିଲାପାଳ ଉପସ୍ଥିତ ହୋଇଥିବାରୁ ନିଜକୁ ଗର୍ବିତ ମନେ


ଶୋଭାଯାତ୍ରାରେ ଏମପି, ବିଧାୟକ ଓ ଜିଲାପାଳ।

କରିଥିଲେ। ଜିଲାରେ ଆଦିବାସୀ ସଂସ୍କୃତି ଓ ପରମ୍ପରା କୁ ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ପରମ୍ପରା ଦ୍ୱାରା ଆଖ ପାଖ ଅଞ୍ଚଳ ସହ ସୁ ସମ୍ପର୍କ ସ୍ଥାପନ ହେବା ସହ ଭାବ ର ଆଦାନ ପ୍ରଦାନ ହୋଇଥାଏ ବୋଲି ରମେଶ କହିଥିଲେ। କମିଟି ସଭାପତି ମହେଶ ସୁବୁଦ୍ଧି, ସମ୍ପାଦକ ରାମ ମିରଗାନ, ସୋରଜ ଯାଲ ପ୍ରମୁଖ ଥିଲେ।

# ମୃତକଙ୍କ ପରିବାରଙ୍କୁ ସହାୟତା

ଡାବୁଗାଁ,୩୦।୧ (ଡି.ଏନ.ଏ.):

ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ ଠାରେ ଭାଲୁ କାମୁଡାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ସହାୟତା ରାଶି ଗୁରୁବାର ପ୍ରଦାନ କରାଯାଇଛି। ୨୦୧୯ ଜୁଲାଇ ୧୫ ତାରିଖରେ ଡାବୁଗାଁ ବ୍ଲକ ଚଚରାଗୁଡା ପଞ୍ଚାୟତ ଅଧୀନ ହଳଦୀ ଗ୍ରାମର ନରସିଂ ଜାନୀ (୫୨) ନିଜ ଧାନ ଜମିକୁ ଯାଉଥିବା ସମୟରେ କାଜୁ ଜଙ୍ଗଲ ମଧରେ ଏକ ଭାଲୁ ଆକ୍ରମଣ କରିଥିଲା । ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ ପାର୍ବତୀ ଜାନୀଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ



ପ୍ରଦାନ କରିଛନ୍ତ। ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ଚଚରାଗୁଡା ସରପଞ୍ଚ ଧରମାନନ୍ଦ ନାୟକ ଉପସ୍ଥିତ ଥିଲେ ।

# ଡାବୁଗାଁରେ ସରସ୍ୱତୀ ପୂଜା ପାଳିତ

ଡାବୁଗାଁ,୩୦।୧ (ଡି.ଏନ.ଏ.)

ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀ ପୂଜା ଧୂମଧାମରେ ଗୁରୁବାର ପାଳିତ ହୋଇଯାଇଛି । ସେହିପରି ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ତେବାସୀମାନେ ମା'ଙ୍କ ପୂଜା କରିବା ସହ ନାଚଗୀତ ପରିବେଷଣ କରିଥିଲେ। ବଡଓଲମା ଆଶ୍ରମ ବିଦ୍ୟାଳୟ-୧ ଓ ୨, ବୋରିପଦର ଆଶ୍ରମ ବିଦ୍ୟାଳୟ, କୋଇଲାରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ମାନଙ୍କରେ ଆକର୍ଷଣୀୟ ମୂର୍ତି, ସାଜସଜା ଦେଖିବାକୁ ମିଳିଥିଲା।






# ପଞ୍ଚାୟତ ଗୃହ ଉଦ୍‌ଘାଟିତ, ଭତ୍ତା ବଣ୍ଟନ

ଡାବୁଗାଁ, ୩୦।୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡ଼ଙ୍ଗରିଗୁଡା ପଞ୍ଚାୟତର ନୂତନ ଗୃହ ଗୁରୁବାର ଉଦଘାଟିତ ହୋଇଯାଇଛି। ଏଥିସହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଗୃହକୁ ଉଦଘାଟନ କରିଥିଲେ। ଏହାପରେ ଅନୁଷ୍ଠିତ ସଭାରେ ଡାବୁଗାଁ, ଡ଼ଙ୍ଗରିଗୁଡା, ଜୁନାପାଣି ଓ ଜବାଗୁଡା ପଞ୍ଚାୟତର ମୋଟ ୧୨୯ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ବଣ୍ଟନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ଜିଲପାଳ ଅଜିତ କୁମାର ମିଶ୍ର, ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ଉପାଧକ୍ଷା ସୁଷମା ବିଶୋୟୀ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲାପରିଷଦ ସଭ୍ୟା ମାଳତୀ ମାଝୀ, ଡ଼ଙ୍ଗରିଗୁଡା ସରପଞ୍ଚ ଅମ୍ବିକା ମାଝୀ, ସମିତି ସଭ୍ୟା ମଞ୍ଜୁଳା ନିହାଲ, ଏମ୍. ଆପ୍ପା ରାଓ, ସୁରେନ୍ଦ୍ର କୁମାର ମିଶ୍ର, ଜି. ସାଇ ରାଜୁ, ପ୍ରକାଶ ପଣ୍ଡା, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, କନିଷ୍ଠ ଯନ୍ତ୍ରୀ ସୁରେଶ କୁମାର ସେଠୀ, ଭାରପ୍ରାପ୍ତ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ପାଚେରୀ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଓ ସାଂସଦ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଘୋଷଣା କରିଥିଲେ । ଏମଜିଏନଆରଇଜିଏସ ରୁ ୬ ଲକ୍ଷ ଟଙ୍କା ଅନୁଦାନ ଦେବାପାଇଁ ଜିଲପାଳ ଘୋଷଣା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧକ୍ଷା ଓ ଅଧାପକମାନେ।

# ଅବସରକାଳୀନ ସମ୍ବର୍ଦ୍ଧନା

ଉମରକୋଟ,୩୦।୧(ଡି.ଏନ.ଏ)

ଉମରକୋଟ ବ୍ଲକ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥନୀତି ପ୍ରାଧାପକ ଏଲ.ଶିବକେଶବ ରାଓଙ୍କୁ ଅବସରକାଳନୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅର୍ଥନୀତି ଅଧାପକ ରବିନ୍ଦ୍ର ମିଶ୍ର ଏହି ସଭାକୁ ପରିଚାଳନା କରିଥିଲେ। ଅଧକ୍ଷା ଅନୀତା ମାଝି ଏଥିରେ ସଭାପତିତ୍ୱ କରିଥିଲେ। ଶିବକେଶବ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ପ୍ରାଧାପକ ବୋଲି ରବିନ୍ଦ୍ର ମିଶ୍ର କହିଥିଲେ। ଅର୍ଥନୀତି ବିଭାଗର ଛାତ୍ରୀଛାତ୍ର ରାଓଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଅନୀତା ମାଝି,ପଙ୍କଜ ମିଶ୍ର, ଅନୀଲ ମିଶ୍ର, ଶେଷାନନ୍ଦ ମିଶ୍ର, ପ୍ରଦୀପ ଚୌଧୁରୀ, ରାମ ଶଙ୍କର ପଟ୍ଟନାୟକ , ପ୍ରଦୋଷ ପଟ୍ଟନାୟକ, ଦୀପ୍ତି ଦାସ, ରୋଜି ସାମଲ, ନିବେଦିତା ଡାକୁଆ, ଅଧାପକ ଧର୍ମେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।

# ଭୀମା ଦେବତାଙ୍କ ବିବାହ ପାଇଁ ଗୁରୁମାଈଁଙ୍କୁ ଆମନ୍ତ୍ରଣ

ଚନ୍ଦାହାଣ୍ଡି,୩୦।୧(ଡି.ଏନ୍.ଏ.)

■ଶହେ ବର୍ଷରେ ଥରେ ପାଳିତ ହୁଏ
■୪୫ ଦିନ ପରେ ସମାପ୍ତ ହେବ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିଠାରେ ଚଳିତବର୍ଷର ଭୀମା ଦେବତାଙ୍କ ବିବାହ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଶହେ ବର୍ଷରେ ଥରେ ଏହି ବିବାହ ଅନୁଷ୍ଠିତ ହୋଇଥାଏ ବୋଲି ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି। ଏହା ଧୁମ୍‌ଧାମରେ ପାଳନ କରିବା ପାଇଁ ଚନ୍ଦାହାଣ୍ଡି ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। ଏଥିପାଇଁ ଗୁରୁବାର ଝରିଗାଁ ବ୍ଲକ ବେଲଗାଁରୁ ଆସିଥିବା ଗୁରୁମାଇଁ ଏବଂ ତାଙ୍କ ଲାଠି ପାଲଙ୍କିକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଗ୍ରାମବାସୀ ସ୍ଥାନୀୟ ହନୁମାନ ମନ୍ଦିର ଛକଠାରୁ ତାଙ୍କୁ ବାଜା ବାଜଣାରେ ସ୍ୱାଗତ କରି ଚନ୍ଦାହାଣ୍ଡି ହାଟପଦାକୁ ନିଆଯାଇଥିଲା । ସେଠାରେ ଗୁରୁମାଈଁଙ୍କ ସ୍ଥାପନା ପରେ ଶୁକ୍ରବାରଠାରୁ ଏହି ବିବାହ ଉତ୍ସବ ଆରମ୍ଭ ହୋଇ ୪୫ ଦିନ


ଗୁରୁମାଈଁଙ୍କ ଲାଠି ଓ ପାଲିଙ୍କିକୁ ଶୋଭାଯାତ୍ରାରେ ନିଆଯାଉଛି।

ପରେ ସମାପ୍ତ ହେବ । ଏଥିରେ ଜନଜାତିଙ୍କ ବିଭିନ୍ନ ପାରମ୍ପରିକ ଝଲକ ଦେଖିବାକୁ ମିଳିବ। ମନୋରଞ୍ଜନ ପାଇଁ ମିନାବଜାର, ଧନୁଯାତ୍ରା ଏବଂ ବିଭିନ୍ନ ଲୋକକଳା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିବାହ ହେଲେ ଅଞ୍ଚଳରେ ସମସ୍ତେ ସୁଖ ସମୃଦ୍ଧିରେ ରହିବେ, ଫସଲ ଭଲ ହେବା ସହ ବିଭିନ୍ନ ରୋଗ ଦାଉରୁ ରକ୍ଷା ମିଳିଥାଏ ବୋଲି ଶୁଣାଯାଏ। ଏହି ବିବାହ ପାଇଁ ଦୀର୍ଘ ୩ ମାସ ଧରି ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଚନ୍ଦାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ କୌଣସି ଗ୍ରାମରେ ମାଟି ଖୋଳା ବନ୍ଦ ସହ ବ୍ଲକରେ ବିବାହ ବ୍ରତ ତଥା ଅନ୍ୟ ସାମାଜିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ଏହା ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତି ତଥା ଜନଜାତୀ ପରମ୍ପରାରେ ବିବାହ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାଗନେଇଥିବା ଦେଖିବାକୁ ମିଳିଛି । ବିବାହ କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ପୂଜାରୀ, ଲଛମନ ମାଝି, ଅଭିରାମ ପୂଜାରୀ, ଚଇତୁରାମ ଦଣ୍ଡସେନା, ପବିତ୍ର ବେସନ, ରାମଚନ୍ଦ୍ର ନାମେଶ, ବଡ଼କଲାର, ତାଖେଶ୍ୱରୀ ପୂଜାରୀ, ଟିକମ ସିଂ ନାୟକ, ବୁଲୁ ଜଗତ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଖୋଲୁନି ମଣ୍ଡି: ଗାଁରେ ଦଲାଲଙ୍କ ରାଜ୍

**ବିଷମକଟକ, ୩୦।୧ (ଡ଼ି.ଏନ.ଏ)**

■ କପାଚାଷୀ ଅଭାବୀ ବିକ୍ରିର ଶିକାର
■ ଓଜନରେ ହେଉଛି ଠକେଇ

ସରକାର କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧିର ବିକାଶ ଦିଗରେ ଗୁରୁତ୍ୱାରୋପ କରି ବିଭିନ୍ନ କିସମର ଚାଷ କରିବା ନିମନ୍ତେ ଚାଷୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିସହ ସେମାନଙ୍କ ଉତ୍ପାଦିତ କୃଷି ଜାତ ଦ୍ରବ୍ୟକୁ ବିକ୍ରି କରିବା ନିମନ୍ତେ ବଜାର ସୃଷ୍ଟି କରି ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି । ଏମିତି କି ଚାଷୀଙ୍କ ସୁବିଧା ନିମନ୍ତେ ବିଭିନ୍ନ ସ୍ଥାନରେ ନିୟନ୍ତ୍ରିତ ବଜାର ମଣ୍ଡି ଖୋଲି କ୍ରୟକାରୀ ସଂସ୍ଥା ମାଧ୍ୟମରେ କିଣିବାର ବ୍ୟବସ୍ଥା କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକତା ଅଭାବ ଯୋଗୁ କପାଚାଷୀ ସରକାରଙ୍କ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ମାଲାମାଲ ହେଉଛନ୍ତି ବିଭାଗୀୟ ଅଧିକାରୀ ଏବଂ ଦଲାଲମାନେ । ତେଣୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେବା ଆଶଙ୍କା ରହିଛି । ବିଷମକଟକ ବ୍ଲକରେ ପ୍ରତ୍ୟେକ ବର୍ଷ ହଜାର ହଜାର କୁଇଣ୍ଟାଲ କପା ଉତ୍ପାଦନ ହେଉଛି । ଏଠାରେ ଏହାକୁ ବିକ୍ରି ନିମନ୍ତେ ବଜାର ସୁବିଧା ନାହିଁ । ଏଥିସହ ସରକାରଙ୍କ ତରଫରୁ ଉକ୍ତ କପାକୁ କିଣିବା ନିମନ୍ତେ କୌଣସି ସ୍ଥାନରେ ମଣ୍ଡିର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ । ଗତ ବର୍ଷ ଚାଷୀ ତାର ସମସ୍ତ କପା ଦଲାଲକୁ ବିକ୍ରି କରି ଅଭାବି ବିକ୍ରିର ଶିକାର ହୋଇଥିଲେ । ୪ ମାସ ପରେ ନିୟନ୍ତ୍ରିତ ବଜାର କମିଟି, ଗୁଣପୁର ତରଫରୁ ଚାଟିକୋଣାଠାରେ ଏକ କପାମଣ୍ଡି ଖୋଲାଯାଇଥିବା ନେଇ ବିଷମକଟକ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା,


ଗାଁରେ ଦଲାଲମାନେ କପା କିଣୁଛନ୍ତି ।

ଯାହା କପା ଚାଷୀଙ୍କୁ ପ୍ରଶାସନ ଉପହାସ କରୁଥିବା ଭଳି ମନେ ହେଉଥିଲା । ବର୍ତ୍ତମାନ କପା ବିକ୍ରୟର ସମୟ ଆସିଛି। ପ୍ରତ୍ୟେକ ଗାଁରେ ଦଲାଲମାନେ ଜଗି ରହି କମ୍ ଦରରେ କପା କିଣିବା ସହ ଓଜନରେ ଠକେଇ କରୁଥିବା ଜଣାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ବିଷମକଟକ ବ୍ଲକରେ କପା କ୍ରୟ କରିବା ନିମନ୍ତେ କୌଣସି ସ୍ଥାନରେ ମଣ୍ଡି ଖୋଲାଯାଇନାହିଁ । ଏ ନେଇ ଗୁଣପୁର ଭାରତୀୟ କପା ନିଗମ ଅଧିକାରୀ କୁସୁମା ସୁଧାକରଙ୍କୁ ପଚାରିବାରୁ, ନିୟନ୍ତ୍ରିତ ବଜାର କମିଟି ତରଫରୁ କୌଣସି ସ୍ଥାନରେ ମଣ୍ଡି ଖୋଲାଯାଇନାହିଁ। ଆମ୍ଭକୁ ମଣ୍ଡିକୁ ଯାଇ କପା କ୍ରୟ କରିବା ନିମନ୍ତେ କୌଣସି ଲିଖିତ ସୂଚନା ପ୍ରଦାନ କରାଯାଇନାହିଁ। ତେଣୁ ଆମ୍ଭେ ବିଷମକଟକ ବ୍ଲକରେ କପା କ୍ରୟ କରୁନାହୁଁ ବୋଲି ପ୍ରକାଶ କରିଛନ୍ତି । କିନ୍ତୁ ଚାଟିକୋଣାଠାରେ କପା ମଣ୍ଡି ଖୋଲାଯାଇଛି । ଭାରତୀୟ କପା ନିଗମ ବିଭାଗର କର୍ମଚାରୀ ଅଭାବରୁ ସେମାନେ ଉକ୍ତ ମଣ୍ଡିକୁ ଯାଉନାହାନ୍ତି କି କପା କ୍ରୟ କରୁନାହାନ୍ତି ବୋଲି ଗୁଣପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦଳପତି କାର୍ଜୀ କହିଛନ୍ତି । ହେଲେ କ୍ରୟକାରୀ ସଂସ୍ଥା ଏବଂ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିବା ବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ନିଶ୍ଚିତ ହୋଇଯାଇଛି । ଗାଁ ଗାଁରେ ଦଲାଲ ରାଜ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କ ତରଫରୁ କୌଣସି ରୋକ ଲଗାଯାଉ ବୋଲି ଭାରତୀୟ କପା ନିଗମ ଅଧିକାରୀ ସୂଚନା ଦେଇଛନ୍ତି । ବିଷମକଟକ ବ୍ଲକସ୍ଥିତ ଚାଟିକୋଣାଠାରେ ଖୋଲାଯାଇଥିବା କପାମଣ୍ଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖ ଛଇଳୀ ଗେଲ**
**ଆଗେ ହେଉଥିଲା କୁଟା ଆଲୁଅ**
**ଏବେ ମାଠିଆ ମାଠିଆ ତେଲ ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇଥାଏ। ଧନ ବଳରେ ସେ ନିଜ ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ଅଣଦେଖା କରିବାକୁ ଲାଗିଥାଏ। ଧନ ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇଦିଏ। ଏପରିସ୍ଥଳେ ନିଜ ପ୍ରାଚୁର୍ଯ୍ୟକୁ ନେଇ ଛଇଛଟକୀ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ ଦେଉଣୀକି କୋଳଥମଣ୍ଡା**
**ତହିଁ ମାରିଥିବ ଗୋବ**
**ଯେ ଯେମିତି ମାଗି ଅଇଲେ**
**ଗୋବ ଚିହ୍ନି କରି ଦେବ ।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ବାଛବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପୂଜା ପାଇଲେ ମା' ସରସ୍ୱତୀ


ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ।


ବିଷମକଟକ


ରାୟଗଡ଼ା ସରସ୍ୱତୀ ଶିଶୁମନ୍ଦିର।


ଟିକିରି

## ସଂକ୍ଷେପରେ

### ଶହୀଦ ଦିବସ ପାଳିତ



**ରାୟଗଡ଼ା ଅଫିସ ,୩୦।୧:** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ଶହୀଦ ଦିବସ ଭାବେ ଗୁରୁବାର ପାଳନ କରାଯାଇଛି । ରାୟଗଡ଼ା ସର୍ବୋଦୟ ସମାଜ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି , ଜିଲାପାଳ ପ୍ରମୋଦ କୁମାର ବେହେରା , ସାମାଜିକ କର୍ମୀ ଜୟରାମ ଜେନା, ବରିଷ୍ଠ ନାଗରିକ ଗୋପୀ ସାହୁ , ଜଳନ୍ଧର ପୃଷ୍ଟିକାଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଜିଲାପାଳଙ୍କ ସଦ୍ଭାବନା ଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅଗ୍ନିଶମ ବିଭାଗ ତରଫରୁ ଏଥିନିମନ୍ତେ ୧୦ . ୫୮ ରେ ପ୍ରାରମ୍ଭିକ ସାଇରନ ଦିଆଯାଇଥିଲା। ଏହି ସଭାରେ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ କୁଷ୍ଠ ରୋଗର ନୀରାକରଣ ନିମନ୍ତେ ଶପଥ ପାଠ ଆୟୋଜିତ ହୋଇଥିଲା ।

### ପୂର୍ବତନ ବ୍ଲକ ଅଧକ୍ଷ ହେଲେ ଏମ୍ପି ପ୍ରତିନିଧି

**ଚନ୍ଦ୍ରପୁର, ୩୦।୧ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ପୂର୍ବତନ ଅଧକ୍ଷ ଭୀମ ଗଗେରେଙ୍ଗା କୋରାପୁଟ ଏମ୍ପିଙ୍କ ପ୍ରତିନିଧି ଭାବେ ନିଯୁକ୍ତି ହୋଇଛନ୍ତି। ଏମ୍ପି ସପ୍ତଗିରି ଉଲାକା ଚନ୍ଦ୍ରପୁର ବ୍ଲକର ଏମ୍ପି ପ୍ରତିନିଧି ଭାବେ ତାଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିଲାଗି ଗଗେରେଙ୍ଗାଙ୍କୁ ଚନ୍ଦ୍ରପୁର ଅଞ୍ଚଳର କଂଗ୍ରେସ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ■ ଗୁଣପୁରରେ ଧର୍ମ ଜାଗରଣ ଯାତ୍ରା

# ଧର୍ମ ରକ୍ଷା ହେଲେ ରାଷ୍ଟ୍ରର ହେବ ସୁରକ୍ଷା

**ଗୁଣପୁର,୩୦।୧ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଧର୍ମ ଜାଗରଣ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁମେରୁ ପୀଠଧୀଶ୍ୱର (କାଶୀଧାମ)ର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନରେନ୍ଦ୍ରାନନ୍ଦ ସରସ୍ୱତୀ ଯୋଗଦେଇ ଭାରତକୁ ସନାତନ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯାଉ ବୋଲି ଦାବି କରିଥିଲେ । ଏଥିସହ ଧର୍ମର ରକ୍ଷା ହେଲେ ରାଷ୍ଟ୍ରର ସୁରକ୍ଷା ହୋଇ ପାରିବ ବୋଲି କହିଥିଲେ । ଶଙ୍କରାଚାର୍ଯ୍ୟ ନରେନ୍ଦ୍ରାନନ୍ଦ ସରସ୍ୱତୀ ଗୁଣପୁରଠାରେ ପହଞ୍ଚିବା ପରେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ପରେ ପୁରୁଣାସିଟି ସ୍କୁଲ ନିକଟରେ ଏକ ସଭା କରିବା ସହ ଶଙ୍କରାଚାର୍ଯ୍ୟ ସଂସ୍କୃତ ଗୁରୁକୁଳମ ଉଦ୍‌ଘାଟନ କରିଥିଲେ । ଦେଶର ଏକତା


କାର୍ଯ୍ୟକ୍ରମରେ ଶଙ୍କରାଚାର୍ଯ୍ୟ ନରେନ୍ଦ୍ରାନନ୍ଦ ସରସ୍ୱତୀ।

ଏବଂ ସମୃଦ୍ଧି ପାଇଁ କଥାକାର, ଚିତ୍ରକାର ଏବଂ ପତ୍ରକାର ଏକ ହେଲେ ପ୍ରଗତି ନିଶ୍ଚିତ ବୋଲି ମଧ୍ୟ ଶଙ୍କରାଚାର୍ଯ୍ୟ କହିଥିଲେ । ସିଏଏକୁ ସମର୍ଥନ ଜଣାଇବା ସହ ଅଜ୍ଞାନତା କାରଣରୁ ବିରୋଧ କରାଯାଉଛି । ଏହି ନିୟମ ଦ୍ୱାରା ରାଷ୍ଟ୍ରର ହିତ ହୋଇପାରିବ ବୋଲି ମତ ଦେଇଥିଲେ । ସମାନ ନାଗରିକତା ସଂହିତା, ଜନସଂଖ୍ୟା ନିୟନ୍ତ୍ରଣ ଉପରେ କଠୋର ଆଇନ କରାଯିବା, ତୁଷ୍ଟୀକରଣ ରାଜନୀତି ବନ୍ଦ କରାଯାଉ, ଭାରତର ଧର୍ମ ନିଶ୍ଚିତ କରାଯାଉ, ଦେଶଦ୍ରୋହୀମାନଙ୍କୁ ଜେଲରେ ରଖାଯାଇ ଭିଆଇପି ମର୍ଯ୍ୟଦା ପ୍ରଦାନ ନ କରି ସାଧାରଣରେ ଶାସ୍ତି ପ୍ରଦାନ କରାଯିବା ଦରକାର ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଅଖିଳ ଭାରତୀୟ ସନ୍ଥ ସମିତି ଓଡିଶାର ମହାମନ୍ତ୍ରୀ ବ୍ରହ୍ମଚାରୀ ସ୍ୱାମୀ ସତ୍ୟାନନ୍ଦ ମହାରାଜ ଯୋଗଦେଇ ହିନ୍ଦୁ ନିଜ ନିଜ ଭିତରେ ନ ଲଢି ଏକତା ବଜାୟ ରଖିବାକୁ ଆହ୍ୱାନ କରିଥିଲେ । ସେହିପରି ସାଧୁ ବ୍ରଜଭୂଷଣ ଦାସ, ଦିଗାମ୍ବର ରାମ, ବ୍ରହ୍ମପୁର ବେଦ ପାଠଶାଳା ଅଧ୍ୟକ୍ଷ ମନୋଜ କୁମାର ପାଣିଗ୍ରାହୀ, ମହେନ୍ଦ୍ରଗିରି ଆଶ୍ରମର ଭାସ୍କର ତୀର୍ଥ ସ୍ୱରୂପ ପ୍ରମୁଖ ଯୋଗ ଦେଇଥିଲେ । ରବି ଆଚାରୀ ସନ୍ଥମାନ୍ୟତା ପାଇ ରାଜେନ୍ଦ୍ର ଚୈତନ୍ୟ ହେବା ସହ ଗେରୁଆବସ୍ତ୍ର ଧାରଣ କରିଥିଲେ । ଏହି ଅବସରରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

# ସରସ୍ୱତୀ ପୂଜା ପାଳିତ

**ରାୟଗଡ଼ା ଅଫିସ, ୩୦।୧**


ଜଣେ ଶିଶୁଙ୍କୁ ଖଡ଼ି ଛୁଆଁଯାଉଛି ।

ବିଦ୍ୟା, ବୁଦ୍ଧି ଓ ଜ୍ଞାନର ଭଣ୍ଡାର ମା' ସରସ୍ୱତୀଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାର୍ଥୀ ଆରାଧନା କରି ନିଜ ଜୀବନର ମଙ୍ଗଳ କାମନା କରିବା ସହ ବିଦ୍ୟା ବୃଦ୍ଧି ସଦ୍‌ଗତି ପାଇଁ କାମନା କରିଥିଲେ । ସମସ୍ତ ବିଦ୍ୟାଳୟ, ସରକାରୀ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନଗୁଡ଼ିକରେ ସରସ୍ୱତୀ ପୂଜା ପାଳିତ ହୋଇଛି । ବର୍ଷ ତମାମ ଧରି ଏହି ଦିନକୁ ପିଲାମାନେ ଅପେକ୍ଷା କରିଥିଲେ । ତେଣୁ ଏହି ଦିନ ଆସିଥିବାରୁ ପିଲାମାନଙ୍କ ମଧ୍ୟରେ ଖୁସି ଦେଖାଦେଇଥିଲା । ସକାଳୁ ପୂଜା କାର୍ଯ୍ୟ କରାଯାଇଥିଲା ଏହାପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପୂଜା କାର୍ଯ୍ୟକ୍ରମରେ ନଗର କାର୍ଯ୍ୟବାହ ଚିତ୍ତରଞ୍ଜନ ପ୍ରଧାନ , ବିଦ୍ୟାଳୟ ସଭାପତି ଡ଼. ଶଶୀଧର ପଲେଇ, ଉପ ସଭାପତି ହରିଶଚନ୍ଦ୍ର ଦାଶ, ସମ୍ପାଦକ ଡ଼. ସୁନୀଲ ପ୍ରସାଦ ମହାପାତ୍ରଙ୍କ ସମେତ ଅଧ୍ୟାପକ ଏବଂ ଅଧ୍ୟାପିକା,ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ସେହିପରି ରାୟଗଡ଼ାର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମହା ଆଡ଼ମ୍ବର ସହକାରେ ଏହି ପୂଜା ପାଳିତ ହୋଇଛି । ମହା ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ନୂଆ ବସ୍ତ୍ର ପରିଧାନ କରି ପୂଜାରେ ସାମିଲ ହୋଇଥିଲେ। ହୋମ ଯଜ୍ଞ, ମନ୍ତ୍ରପାଠ କରାଯାଇ ମହା ବିଦ୍ୟାଳୟରେ କିପରି ଶିକ୍ଷା , ଜ୍ଞାନର ବିକାଶ ହେବା ସହ ସୁଦୃଢ଼ କାମନା କରିଥିଲେ । ମହା ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ପୂଜା ହୋଇଥିଲା ।


ଚାଷୀମାନେ ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

## ୫୫ ଚାଷୀଙ୍କଠାରୁ ସିସିଆଇ କିଣିଛି କପା

**ରାୟଗଡ଼ା ଅଫିସ , ୩୦।୧**

ରାୟଗଡ଼ାରେ ଗତ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଷୀମାନେ ନିଜର ଉପାର୍ଜିତ କପା ବିକ୍ରି କରିବା ପାଇଁ ଆରଏମସି କାର୍ଯ୍ୟାଳୟ ବାହାରେ ଜଗି ରହିଥିଲେ। ହେଲେ ସିସିଆଇଙ୍କଠାରେ କପା ରଖିବା ପାଇଁ ଉପଯୁକ୍ତ ଯାଗା ନ ଥିବାରୁ କପା ଚାଷୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ଏନେଇ ଚାଷୀମାନେ ସିସିଆଇ କାର୍ଯ୍ୟାଳୟ ଘେରାଉ ମଧ୍ୟ କରିଥିଲେ । ବୁଧବାର ସନ୍ଧ୍ୟାରେ ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଶତାଧିକ ଚାଷୀ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଭେଟି ସମସ୍ୟା ନେଇ ଆଲୋଚନା କରିଥିଲେ । ଏହାପରେ ଉପ ଜିଲାପାଳ ଗୁରୁବାର ୧୨ ଟା ସୁଦ୍ଧା ସର୍ବମୋଟ ୫୫ ଚାଷୀଙ୍କ କପା କିଣାଯାଇଥିବା ସୂଚନା ଦେଇଛନ୍ତି। ସବୁ ଚାଷୀଙ୍କ ସମସ୍ୟା ସମାଧାନ କରାଯାଇଛି, ପୂର୍ବରୁ ଯାହା କପା ଥିଲା ସେଗୁଡ଼ିକ ଖାଲି ହୋଇ ୫୫ ଟି ଗାଡ଼ିରେ ମିଲ କୁ ପଠାଯାଇଛି ବୋଲି ଉପ ଜିଲାପାଳ କହିଛନ୍ତି ।

## ୧୮ ଲିଟର ମଦ ଜବତ, ଦୁଇ ଅଟକ

**ବିଷମକଟକ,୩୦।୧ (ଡ଼ି.ଏନ.ଏ)**

ବିଷମକଟକ ପୋଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରି ୧୮ଲିଟର ବିଦେଶୀ ମଦ ଜବତ କରିଛି । ଏଥିସହ ୨ ଜଣଙ୍କୁ ଅଟକ ରଖାଯାଇଛି। ସନ୍ଧ୍ୟାରେ ପୋଲିସ୍ ବିଭିନ୍ନ ଗାଁରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ କାଙ୍କୁବାଡି ପଞ୍ଚାୟତର ଗାନ୍ଧୀନଗର ଅଞ୍ଚଳର ଦୀନବନ୍ଧୁ ପାତ୍ରଙ୍କ ଘରୁ ବିଦେଶୀ ମଦ ବୋତଲ ଜବତ କରିଥିଲା । ସେହିପରି ବିଷମକଟକ ଥାନା ଡୁକୁମ୍ ଗାଁର ଜି.ଆନନ୍ଦ ରାଓଙ୍କ ଘରୁ ମଧ୍ୟ ବିଦେଶୀ ମଦ ଜବତ କରାଯାଇଛି । ଉଭୟଙ୍କ ଘରୁ ମୋଟ ୧୮.୨୪୦ଲିଟର ବିଦେଶୀ ମଦ ଜବତ କରାଯାଇଛି । ପୋଲିସ ଦୀନବନ୍ଧୁ ଏବଂ ଜି.ଆନନ୍ଦଙ୍କ ବିରୋଧରେ ମାମଲା ରୁଜୁ କରି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

# ଭାଇଚାରା ସୃଷ୍ଟି କରୁଛି ବସନ୍ତ ମହୋତ୍ସବ

**ଗୁଣପୁର,୩୦।୧ (ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ହଳଦିଆ ନାଳ ପଡିଆଠାରେ ୮ମ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବରିଷ୍ଠ ଗାନ୍ଧୀବାଦୀ ଡ.ସୁଗାନ ବରନ୍ତ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲାପାଳ ପ୍ରମୋଦ କୁମାର ବେହେରା, ଜିଲା ଆରକ୍ଷୀ ଅଧୀକ୍ଷକ ଡ.ଶ୍ରବଣ ବିବେକ ଏମ୍ ,ସମଯୋଗ ପତ୍ରିକା ମୁମ୍ବାଇ ସମ୍ପାଦକ ରମେଶ ଡାନେ , ସାମାଜିକ କର୍ମୀ ଶାନ୍ତି ଦେବୀ ଯୋଗ ଦେଇଥିଲେ । ଗୁଣପୁର ଭଳି ଅଞ୍ଚଳରେ ଏପରି କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ । ଲୁକ୍କାୟିତ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ବେସରକାରୀ ଭାବେ ଏତେ ବଡ ଆୟୋଜନ କରାଯାଉଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହାଦ୍ୱାରା ଭାଇଚାରା ସୃଷ୍ଟି କରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ନବ ନିର୍ମାଣ ସମିତି ଅଧ୍ୟକ୍ଷ ଉମାଶଙ୍କର ଦାସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୌରାଙ୍ଗ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିଲୀପ ଚୌଧୁରୀ ଏବଂ ସାଥୀଙ୍କ ଦ୍ୱାରା ନିର୍ମିତ ବଂଶଧାରା ମହୋତ୍ସବର ଟାଇଟଲ ସଙ୍ଗ ସିଡୀକୁ ଉନ୍ମୋଚନ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । କ୍ଷୁଦ୍ର ଚଳଚ୍ଚିତ୍ର ଭ୍ରଷ୍ଟାଚାର ଶୁଭମୁକ୍ତି କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଓଡିଆ ସିନେ ଜଗତର ପ୍ରଖ୍ୟାତ କଣ୍ଠଶିଳ୍ପି ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରିଥିଲେ । ପୁରୀର ମନୋରଞ୍ଜନ ଦଳ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା । ବିଭିନ୍ନ ସ୍କୁଲ ଏବଂ ସ୍ଥାନୀୟ କଳାକାରମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା । ସ୍ଥାନୀୟ କଳାକାର ପ୍ରମୋଦ ରଥ, ଶ୍ରୀନିବାସ ପାତ୍ର, ସସ୍ମିତା ପରିଡା, ଶୁଭଶ୍ରୀ ମଲିକ, ସିଦ୍ଧାର୍ଥ ପ୍ରେମ ଦାସ ସଙ୍ଗୀତଗାନ କରିଥିଲେ । ମୁନିଗୁଡାର ଅରୁଣ ସାହୁଙ୍କ ଦ୍ୱାରା ମ୍ୟାଜିକ ଶୋ ପ୍ରଦର୍ଶନ କରାଯାଇଥିଲା ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।